ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ୮୬ ରନରେ ମ୍ୟାଚ୍ ଜିତିଲା ମୁମ୍ବାଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କାଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଇଷ୍ଟ ୦୦.୬ : ୫୬୍ଠି ଷ୍ଟି

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୯୬ ● ୨୭ ନଭେମ୍ବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-296 ● 27th November 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ଡିଲିମିଟେସନ, ମହିଳା ସଂରକ୍ଷଣ ବିଲ୍ ନେଇ

ସଂସଦର ଦିନିକିଆ ଅଧିବେଶନ ଡାକିଲେ ସରକାର

ନୂଆଦିଲ୍ଲୀ, ୨୬।୧୧

ହଠାତ୍ ସଂସଦର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି କେନ୍ଦ୍ର ସରକାର। ଆସନ୍ତା ୩୦ ତାରିଖ ଅର୍ଥାତ ସୋମବାର ଲୋକସଭାର ସ୍ୱତନ୍ତ୍ର ଅଧିବେଶନ ବସିବ। ସେହିପରି ଡିସେମ୍ବର ୨ରେ ରାଜ୍ୟସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶ ଡକାଯାଇଛି। ଏହି ସ୍ୱତନ୍ତ୍ର ଅଧିବେଶନ ସ୍ଥଗିତ ରହିଥିବା ମୌସୁମୀ ଅଧିବେଶନର ଅଂଶବିଶେଷ ବୋଲି ଜଣାପଡ଼ିଛି।

ଗୁରୁବାର ଏକ୍ସରେ ଗୋଟିଏ ପୋଷ୍ଟ କରି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏ ସମ୍ପର୍କ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ସଦନର କାର୍ଯ୍ୟ ଦିବସ ଡିସେମ୍ବର ୩ରେ ଶେଷ ହୋଇପାରେ। ତଥାପି ଗୃହର ବିଜନେସ ଉପରେ ଏହା ନିର୍ଭର କରେ।

ସେ କହିଛନ୍ତି, "ସରକାର ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଅଧ୍ୟକ୍ଷଙ୍କୁ ୩୦ ନଭେମ୍ବରରେ ଲୋକସଭା ଓ ଡିସେମ୍ବର ୨ରେ ରାଜ୍ୟସଭା ଅଧିବେଶନ ବସିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଜରୁରୀ ସରକାରୀ କାର୍ଯ୍ୟପାଇଁ ଏପରି ଅଧିବେଶନ ଡକାଯାଉଛି। ଉଭୟ ସଦନର କାର୍ଯ୍ୟ ଡିସେମ୍ବର ୩ରେ ଶେଷ ହୋଇପାରେ।"



ସ୍ୱତନ୍ତ୍ର ଅଧିବେଶନ ଡାକିବାର କାରଣ ଜଣାପଡ଼ି ନଥିଲେ ହେଁ ସରକାର ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସଂକ୍ରାନ୍ତ ବିଲ ଉଭୟ ଗୃହରେ ଆଣି ପାରନ୍ତି। ହେଲେ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇ ନାହିଁ।

ପୂର୍ବରୁ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ ପାରିତ କରିବାରେ ବିଫଳ ହୋଇଥିଲେ ସରକାର। ଏହା ସମ୍ବିଧାନ ସଂଶୋଧନ ସହ ଜଡ଼ିତ ହୋଇଥିବାରୁ ବିଲ୍ ପାରିତ ପାଇଁ ଗୃହର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର।

ପୂର୍ବରୁ ଏହାକୁ ଯୋଗାଡ଼ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏଥର ବିଲ୍ ସପକ୍ଷରେ ସଦସ୍ୟ ଯୋଗାଡ଼ କରିବା ନେଇ ବେଶ ଆଶାବାଦୀ ରହିଛନ୍ତି। ସମ୍ବିଧାନ ସଂଶୋଧନ ବିଲ୍ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଠାରୁ ଅଧିକ ୧୫ରୁ ୧୮ଟି ଭୋଟ ପାଇବ ବୋଲି ସରକାରୀ ସୂତ୍ରରେ କୁହାଯାଇଛି।

ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଧେୟକ ଓ ମହିଳା ସଂରକ୍ଷଣ ବିଲ୍‌କୁ ପାସ୍ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି।

ମହିଳା ବିରୋଧୀ ହିଂସା ଓ ଅପରାଧ

ଅପରାଧୀଙ୍କୁ ନିଶ୍ଚିତ ଭାବେ ଦଣ୍ଡିତ କରାଯିବ

ଭୁବନେଶ୍ୱର, ୨୬।୧୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର'ରାଜ୍ୟରେ ବଢୁଛି ନାବାଳିକା ଓ ମହିଳା ବିରୋଧୀ ହିଂସା : ଜଳେଶ୍ୱର ଅଞ୍ଚଳରେ ନାବାଳିକାଙ୍କ ପ୍ରତି ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ପ୍ରସଙ୍ଗରେ ଗୁରୁବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଅଣା ଯାଇଥିଲା। ଏହି ପ୍ରସଙ୍ଗରେ ବିରୋଧୀ ଦଳରୁ ବିଧାୟକ ସର୍ବଶ୍ରୀ ଅଶ୍ୱିନୀ କୁମାର ପାତ୍ର, ଗୌତମ ବୁଦ୍ଧ ଦାସ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ତାରାପ୍ରସାଦ ବାହିନୀପତି, ଅଶୋକ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇ ରାଜ୍ୟରେ ମହିଳା ଓ ନାବାଳିକା ଅପରାଧ ଜନିତ ଘଟଣା ବୃଦ୍ଧି ପାଉଥିବା ବେଳେ ଅପରାଧୀମାନେ ଖୋଲାରେ ବୁଲୁଥିବା ଏବଂ ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାରୀ ଦଳରୁ ବିଧାୟକ ସନ୍ତୋଷ ଖଟୁଆ, ଟଙ୍କଧର ତ୍ରିପାଠୀ, ସୀମାରାଣି ନାୟକ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇ ବର୍ତ୍ତମାନର ସରକାର ମହିଳା ମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ବୋଲି ଯୁକ୍ତି ଦର୍ଶାଇଥିଲେ।



ମୁଲତବୀ ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସତ୍ୟ ଓ ନିରାଧାର ବୋଲି ଅଭିହିତ କରି କହିଥିଲେ ଯେ, ମହିଳା ବିରୋଧୀ ହିଂସା ଓ ଅପରାଧ ଘଟଣାରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ସ୍ୱର୍ଶକାତର ବୋଲି ଉଲ୍ଲେଖ କରି ସେ କହିଥିଲେ ମହିଳା ହିଂସା ଓ ଅପରାଧ ଜନିତ ଘଟଣାରେ ସମ୍ପୃକ୍ତ ଯେକୌଣସି ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେକେହି ଏହି ଘଟଣାରେ ସମ୍ପୃକ୍ତ ଥାନ୍ତୁ ନା କାହିଁକି ସେମାନଙ୍କୁ ନିଶ୍ଚିତ ଦଣ୍ଡିତ କରାଯିବ। ବିରୋଧୀ ଦଳକୁ ସମାଲୋଚନା କରି ଆଇନ୍ ମନ୍ତ୍ରୀ କହିଥିଲେ ଯେ, ଏହି ଘଟଣାକୁ ନେଇ ସରକାର ଓ ପୋଲିସ୍ ଉପରକୁ ବିରୋଧୀ ଦଳ ଯେପରି ଆଙ୍ଗୁଠି ଦେଖାଉଛନ୍ତି, ତାହା ସେମାନଙ୍କ ଉପରକୁ ଫେରୁଛି। କାରଣ ବିଗତ ସରକାର ଅମଳରେ ପ୍ରାୟ ୨୨ଟି ମହିଳା ଜନିତ ହିଂସା ଓ ଅପରାଧ ଘଟଣା ସଂଗଠିତ ହୋଇଥିଲା। ଯେଉଁଥିରେ ଶାସକ ଦଳର ନେତାମାନେ ସମ୍ପୃକ୍ତ ଥିଲେ। ଏବେ ବିରୋଧୀ ଦଳ ଅଯଥାରେ ଫିୟର ସାଇକୋସିସ୍ ସୃଷ୍ଟି କରିବାକୁ ଉଦ୍ୟମ କରିବା ଠିକ୍ ହେଉନାହିଁ। ମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ଦଣ୍ଡବିଧାନ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଉଛି। ଦୁଷ୍କର୍ମ, ମହିଳା ବିରୋଧୀ ହିଂସା, ଏସିଡ୍ ମାଡ଼, ଯୌତୁକ ଜନିତ ଅତ୍ୟାଚାର ମାମଲା ଇତ୍ୟାଦିରେ ଯଥେଷ୍ଟ ହ୍ରାସ ଘଟିଛି ବୋଲି ମନ୍ତ୍ରୀ କହିଥିଲେ। ଜଳେଶ୍ୱର ନାବାଳିକା ହତ୍ୟା ଘଟଣାରେ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବା ନେଇ ସରକାର ବିଚାର କରିବେ ବୋଲି ମନ୍ତ୍ରୀ କହିଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ।

ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୬।୧୧

ନ୍ୟୁଜ୍ ବ୍ୟୁରୋ

ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲର ମୁନା ନାଏକଙ୍କର ସଡ଼କ ଦୁର୍ଘଟଣାରେ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। *(ପୃଷ୍ଠା ୭ରେ)*

ନିର୍ମାଣ ବିଭାଗ ଓ ଓବିସିସି ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ

୨୦୨୬-୨୭ ବର୍ଷରେ ଖର୍ଚ୍ଚ ହେବ ୨,୦୦୦ କୋଟି

ଭୁବନେଶ୍ୱର, ୨୬।୧୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଭିତ୍ତିଭୂମି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ଜନକଲ୍ୟାଣମୂଳକ ଓ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ମର୍ମରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ନିର୍ମାଣ ବିଭାଗ ଏବଂ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍ (ଓବିସିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନ ସ୍ଥିତ ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ



କାର୍ଯ୍ୟକ୍ରମରେ ଯୋଗଦେଇ ନିର୍ମାଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଓବିସିସି ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ।

ଏହି ବୁଝାମଣାପତ୍ର ଅନୁଯାୟୀ, ୨୦୨୬-୨୭ ଆର୍ଥିକ ବର୍ଷରେ ନିର୍ମାଣ ବିଭାଗ ଓବିସିସିକୁ ୨,୦୦୦ କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କରିବ । ଏହାଦ୍ୱାରା ରାଜ୍ୟରେ ବୃହତ୍ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଯୋଜନାବଦ୍ଧ କାର୍ଯ୍ୟାନ୍ୱୟନ ଓ ତ୍ୱରିତ ସମ୍ପାଦନକୁ ଗୁରୁତ୍ୱ ମିଳିବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାଜ୍ୟର ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତିକରଣକୁ ସାମିଲ କରାଯାଇଛି। କେଉଁଝର ଘଟଗାଁର ମା' *(ପୃଷ୍ଠା ୭ରେ)*

ଭାରତରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ

୨୫% ଅତିରିକ୍ତ ଶୁଳ୍କ ଲଗାଇବ ଆମେରିକା !

ନୂଆଦିଲ୍ଲୀ, ୨୬।୧୧

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ପୁଣି ବଢ଼ିବାରେ ଲାଗିଛି। ଭାରତରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇବାକୁ ଆମେରିକା ପ୍ରସ୍ତାବ ଦେଇଛି। ଭାରତର ଉତ୍ପାଦନ ଓ ରପ୍ତାନି ବୃଦ୍ଧି ନୀତିକୁ ନେଇ ଆମେରିକା ଆପତ୍ତି ଉଠାଇବା ପରେ ଏହି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ଆମେରିକାର ଏଭଳି ପଦକ୍ଷେପର ଜବାବରେ ଭାରତ ମଧ୍ୟ ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଉ ବୋଲି ଭାରତୀୟ ବ୍ୟବସାୟୀ ସଂଗଠନ ଦାବି କରିଛି।

ଆମେରିକାର ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସଟିଆର) ଭାରତର



ଉତ୍ପାଦନ କ୍ଷମତା ଓ ଶିଳ୍ପ ନୀତିକୁ ନେଇ ଏକ ତଦନ୍ତ କରିଥିଲା। ଏହାର ରିପୋର୍ଟରେ ଭାରତର ମେକ୍ ଇନ୍ ଇଣ୍ଡିଆ, ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍ଆଇ) ଭଳି ଯୋଜନା ଉପରେ ଆପତ୍ତି ଉଠାଯାଇଛି। ଏହି ଯୋଜନା ଜରିଆରେ ସରକାର ଶିଳ୍ପ ଉତ୍ପାଦନକୁ ଅଧିକ ପ୍ରୋତ୍ସାହନ ଦେଉଥିବାରୁ ବଜାରର ଚାହିଦାଠାରୁ ଅଧିକ ଉତ୍ପାଦନ ହେଉଛି ବୋଲି ଆମେରିକା ଅଭିଯୋଗ କରିଛି। ଏହାଦ୍ୱାରା ଭାରତୀୟ ସାମଗ୍ରୀ ଶସ୍ତାରେ ଆମେରିକା ବଜାରକୁ ଆସି ସେଠାକାର ଉତ୍ପାଦକଙ୍କ ପାଇଁ ପ୍ରତିଯୋଗିତା ବଢ଼ାଉଛି ବୋଲି ଆମେରିକାର ଯୁକ୍ତି କରିଛି।

ଏହି ଆଧାରରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ରଖାଯାଇଛି। ତେବେ ଭାରତ ଓ ଆମେରିକା ମଧ୍ୟରେ ପାରସ୍ପରିକ ବାଣିଜ୍ୟ ଚୁକ୍ତି ହେଲେ ଏହି ହାର ୧୭ ପ୍ରତିଶତକୁ ହ୍ରାସ ପାଇପାରେ ବୋଲି ଆମେରିକା ସଙ୍କେତ ଦେଇଛି। ଏହି ତଦନ୍ତରେ ଇସ୍ପାତ, ସୌର ଶକ୍ତି, ସ୍ୱାସ୍ଥ୍ୟ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ର ସମେତ ଭାରତର *(ପୃଷ୍ଠା ୭ରେ)*

୩ଘଣ୍ଟା ଧରି ଚାଲିଲା ଭିତର ରତ୍ନଭଣ୍ଡାର ଗଣତି, ଆଜି ପୁଣି ଗଣତି

ଭୁବନେଶ୍ୱର/ପୁରୀ, ୨୬।୧୧

ନ୍ୟୁଜ୍ ବ୍ୟୁରୋ

ବିଭିନ୍ନ କାରଣକୁ ନେଇ ପ୍ରାୟ ୪ ମାସ ଧରି ଅଟକି ରହିଥିବା ଶ୍ରୀମନ୍ଦିରର ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟା ପୁଣି ଗୁରୁବାର ଠାରୁ ଆରମ୍ଭ ହୋଇଛି। ପ୍ରାୟ ୩ ଘଣ୍ଟା ଧରି ଭିତର ରତ୍ନ ଭଣ୍ଡାର ଗଣତି ଚାଲିଥିବା ବେଳେ ଶୁକ୍ରବାର ପୁଣିଥରେ ଏହି ପ୍ରକ୍ରିୟା ଆରମ୍ଭ ହେବ।

ଗୁରୁବାର ପୂର୍ବାହ୍ନରେ ୧୧ଟା ୨୬ ମିନିଟ୍‌ରେ ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍ଓପି ଅନୁଯାୟୀ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂଙ୍କ ସହ ଅନ୍ୟସମସ୍ତ ଅଧିକୃତ ସଦସ୍ୟ ଶ୍ରୀମନ୍ଦିରର ରତ୍ନଭଣ୍ଡାର ମଧ୍ୟକୁ ପ୍ରବେଶ କରିଥିଲେ। ଏହି ଗଣତିମଣତି ଅପରାହ୍ନ ୨ଟା ୩୬ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା।

ଅପରାହ୍ନରେ ଶ୍ରୀ ପାଢ଼ୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଚଳନ୍ତି ଭଣ୍ଡାର, ବାହାର ରତ୍ନଭଣ୍ଡାର ଓ ଭିତର ରତ୍ନଭଣ୍ଡାରରେ ୧୭ ଦିନରେ ୯୩ଘଣ୍ଟା ୫୧ ମିନିଟ ଧରି ଗଣତି ହୋଇଛି। ଆଜିର ଗଣତି ଦୀର୍ଘ ୩ ଘଣ୍ଟା ୧୦ ମିନିଟ୍ ଧରି ହୋଇଥିଲା। ଗଣତି ସରିବା ପରେ ଚାବି ଟ୍ରେଜେରିରେ *(ପୃଷ୍ଠା ୭ରେ)*

ବିଦେଶରୁ ଫେରିଲା ୬୦ ଟନ୍ ସୁନା

ମୁମ୍ବାଇ, ୨୬।୧୧

ଭାରତୀୟ ରିଜର୍ଭ ବ୍ୟାଙ୍କ ବିଦେଶରେ ରଖିଥିବା ସୁନା ଭଣ୍ଡାରରୁ ୬୦.୧ ଟନ୍ ସୁନାକୁ ଭାରତକୁ ଫେରାଇ ଆଣିଛି। ୨୦୨୬ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ଏହି ସୁନା ଦେଶକୁ ଅଣାଯାଇଛି। ଫଳରେ ଭାରତରେ ରଖାଯାଇଥିବା ମୋଟ ସୁନା ଭଣ୍ଡାରର ଅଂଶ ୮୪ ପ୍ରତିଶତକୁ ବୃଦ୍ଧି ପାଇଛି। ରିଜର୍ଭ ବ୍ୟାଙ୍କର ଅର୍ଦ୍ଧବାର୍ଷିକ ବିଦେଶୀ ମୁଦ୍ରା ଭଣ୍ଡାର ରିପୋର୍ଟରୁ ଏହା ଜଣାପଡ଼ିଛି। ସେପ୍ଟେମ୍ବର ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ ପାଖରେ ମୋଟ ୮୮୦.୫୨ ଟନ୍ ସୁନା ଥିଲା। ଏଥିରୁ ୭୪୦.୧୩ ଟନ୍ ସୁନା ଭାରତରେ ରଖାଯାଇଥିବା ବେଳେ ୧୪୦.୩୯ ଟନ୍ ସୁନା ବିଦେଶରେ ରହିଛି। ବିଦେଶରେ ଥିବା *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- **ତାମିଲନାଡୁ ସରକାରୀ ପୁରୁଷ କର୍ମଚାରୀଙ୍କୁ ୧୫ ଦିନର ପିତୃତ୍ୱ ଛୁଟି, ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି।**
- **କେନ୍ଦ୍ରୀୟ ଗୃହ ସଚିବ ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତି କଲେ ସମୀକ୍ଷା।**
- **ସିଏସ୍‌ସି ବୈଠକରେ ଭାରତ ସମେତ ଚାରିଟି ଦେଶ ୨୦୨୬-୨୭ ପାଇଁ ସହଯୋଗର ରୋଡମ୍ୟାପ୍ କଲେ ଗ୍ରହଣ।**
- **ନଭେମ୍ବର ୨୭ରୁ ଦିଲ୍ଲୀରେ ଆୟୋଜିତ ହେବ 'କାରିଗର ବଜାର'।**

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୮୦ (+୧୫୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୪୦ (+୧୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯୩୬୦ (+୧୧୪)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୬୫ (+୦)

ଏକାଳ ପଖାଳ



ଯେସାକୁ ତେସା
ସେଇଗୁଡ଼ାଙ୍କୁ ଟାଙ୍ଗିଆପସା
କାମଠକ ଆଉ ଅୟସର ଭୂତ
ମୁଣ୍ଡରେ ତାଙ୍କର କରିଛି ବସା
ସସ୍‌ପେଣ୍ଡ ଖେଳ ଉପର ଖସା
ପୋଲିସ ବାବୁଏ ସମ୍ଭାଳ ନିଜକୁ
ମନମାନି କଲେ ଭୋଗିବ ଦଶା ॥

ପ୍ୟାକେଟ୍ ଖାଦ୍ୟରେ ସ୍ପଷ୍ଟ ଚେତାବନୀ ସଙ୍କେତ ରହିବା ଜରୁରୀ



ନୂଆଦିଲ୍ଲୀ, ୨୬।୧୧

ପ୍ୟାକେଟ୍‌ରେ ବିକ୍ରି ହେଉଥିବା ଖାଦ୍ୟ ସମ୍ପର୍କରେ ସୁପ୍ରିମକୋର୍ଟ ବଡ ରାୟ ଦେଇଛନ୍ତି। ନିର୍ଦ୍ଧାରିତ ସୀମାଠାରୁ ଅଧିକ ଚର୍ବି, ଚିନି କିମ୍ବା ଲୁଣ ଥିବା ଖାଦ୍ୟ ସାମଗ୍ରୀ ପ୍ୟାକେଟର ସମ୍ମୁଖ ଭାଗରେ ସ୍ପଷ୍ଟ ଚେତାବନୀ ସଙ୍କେତ ରହିବା ଜରୁରୀ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏହି ଚିହ୍ନଗୁଡ଼ିକ ଦ୍ୱାରା ଗ୍ରାହକମାନେ ଖାଦ୍ୟର ଥିବା ଅତିରିକ୍ତ ଚର୍ବି, ଚିନି କିମ୍ବା ଲୁଣ ସମ୍ପର୍କରେ ସହଜରେ ଜାଣିପାରିବେ। ବିଚାରପତି ଜେ.ବି. ପାରଦିୱାଲା ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଫାସାଇ)କୁ ଏହି ବ୍ୟବସ୍ଥାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପ୍ରତ୍ୟେକ ଚେତାବନୀ ସଙ୍କେତ ଏକ ଲାଲ୍ ଷଡ଼କୋଣ ହେବା ଆବଶ୍ୟକ। ଏଥିରେ ପ୍ରାସଙ୍ଗିକ ସୂଚନା ଏବଂ ଏକ ଚିତ୍ର ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ଯଦି ଏକ ପ୍ୟାକେଟ୍‌ରେ ଚର୍ବି, ଚିନି ଏବଂ ଲୁଣ ପାଇଁ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥାଏ ତେବେ ତିନୋଟି ପୃଥକ ଚେତାବନୀ ସଙ୍କେତ ବ୍ୟବହାର କରିବାକୁ ପଡିବ। ଗୋଟିଏ ସ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୭ ନଭେମ୍ବର ୨୦୨୬ ଶୁକ୍ରବାର



ଜାରକା ସହରାଞ୍ଚଳ ଏବେ ସାଜିଛି ଗୋଶାଳା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଜାରକା ସହରାଞ୍ଚଳ ଏବେ ଗୋଶାଳା ସାଜିଛି। ସବୁଆଡେ ମାଳ ମାଳ ଗାଈ ଗୋରୁ, ଷଣ୍ଢ ବାଛୁରୀ । ଜାରକା ଠାରେ ୧୬ନଂ ଜାତୀୟ ରାଜପଥ ହେଉ, ଜାରକା ଓଭର ବ୍ରିଜ୍ ତଳ, ଶାନ୍ତି ବଜାର, ଧର୍ମଶାଳା ବାଇପାସ୍ ରାସ୍ତା, ବଡବଜାର, ମେନ୍ ମାର୍କେଟ୍ ସବୁଆଡେ ଗୋରୁ ଗାଈଙ୍କ ରାଜୁତି। ନା ଏମାନଙ୍କୁ କିଏ ନେଉଛି ନା ମଲିକ ଖୋଜୁଛି। ପ୍ରତିଦିନ ଦୁର୍ଘଟଣାରେ ପଥଚାରୀ ଓ ବାଇକ୍ ଆରୋହୀ ଆହତ ହେଉଛନ୍ତି। ଏବେ ବଳଦ ଦ୍ୱାରା ଚାଷ ସମ୍ପୂର୍ଣ୍ଣ ବନ୍ଦ



ହେଲାଣି । ମାଲିକ କ୍ଷୀର ଖାଇଲା ପରେ ଅଣ୍ଡିରା ବାଛୁରୀ କ୍ଷୀର ଛାଡିଲେ ସେମାନଙ୍କୁ ରାସ୍ତାରେ ଛାଡି ଦେଉଛନ୍ତି। ଯୁଆଡେ ଚାହିଁବ ଦଳଦଳ ବାଛୁରୀ। ସେମାନଙ୍କୁ ନେଇ ଗୋଶାଳାରେ ରଖିବା ନିୟମ ଥିବାବେଳେ କେହି ବୁଝିବା ପାଇଁ ନାହାଁନ୍ତି। ରାତି ହେଲେ ବୁଲା ଗୋରୁଗାଈ ପାଖ ଚାଷୀଙ୍କ ଧାନ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ଏଥିପ୍ରତି ସ୍ଥାନୀୟ ପଞ୍ଚାୟତ ଜନପ୍ରତିନିଧି ଓ ପ୍ରସାଶନ ଦୃଷ୍ଟି ଦେବାକୁ ଦାବି ହେଉଛି।

ବାଲିଯାତ୍ରା ପଡ଼ିଆରେ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

କଟକ, ନ୍ୟୁଜ୍ ବ୍ୟୁରୋ

ବାଲିଯାତ୍ରା ମହୋତ୍ସବକୁ ଆସୁଥିବା ଜନସାଧାରଣଙ୍କୁ ଆଇନ୍ ସମ୍ବନ୍ଧୀୟ ସହାୟତା ଓ ପରାମର୍ଶ ପ୍ରଦାନ ଉଦ୍ଦେଶ୍ୟରେ କଟକ ବାଲିଯାତ୍ରା ପଡ଼ିଆରେ ଏକ ଆଇନ୍ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି କେନ୍ଦ୍ରକୁ କଟକ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ମାନସ ରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ୍ ଲୟର ଏବଂ ପାରା ଲିଗାଲ୍ ଭଲ୍ୟୁଣ୍ଟିୟରମାନେ ଉପସ୍ଥିତ ଥିଲେ। ବାଲିଯାତ୍ରାକୁ ଆସୁଥିବା ଜନସାଧାରଣ ଏହି କେନ୍ଦ୍ର ମାଧ୍ୟମରେ ଆଇନ୍ ସମ୍ବନ୍ଧୀୟ ସହାୟତା ଓ ପରାମର୍ଶ ପାଇପାରିବେ। କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ। ଜନସାଧାରଣଙ୍କ ମଧ୍ୟରେ ଆଇନ୍ ସଚେତନତା ବୃଦ୍ଧି ସହ ଆବଶ୍ୟକ ସମୟରେ ଆଇନ୍‌ଗତ ସହାୟତା ଉପଲବ୍ଧ କରାଇବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

ବାଲ୍ୟ ବିବାହକୁ ରୋକିବା ଏବଂ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ହିଂସା ନିବାରଣ ସମ୍ପର୍କରେ ସଚେତନତା



ବାଲେଶ୍ୱର, ନ୍ୟୁଜ୍

ମହିଳାମାନଙ୍କ ବିରୁଦ୍ଧରେ ଲିଙ୍ଗ ଭିତ୍ତିକ ହିଂସା ଓ ବାଲ୍ୟ ବିବାହ ନିବାରଣ ନେଇ ଆୟୋଜିତ ୧୬ ଦିନିଆ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ବସ୍ତି ଏରିଆ ଡେଭଲପ୍‌ମେଣ୍ଟ କାଉନ୍‌ସିଲ (ବି.ଏ.ଡି.ସି.)ର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ସବୁଜ ପତାକା ପ୍ରଦର୍ଶନ କରି ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରିଣୀ ଜ୍ୟୋସ୍ନା ମହାନ୍ତି ୧୬ ଦିନିଆ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଜିଲ୍ଲାରେ ବାଲ୍ୟ ବିବାହକୁ ରୋକିବା ଏବଂ ମହିଳାମାନଙ୍କ ବିରୁଦ୍ଧରେ ସମାଜରେ ଘଟୁଥିବା ହିଂସା ନିବାରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା। ଏହି ଶୋଭାଯାତ୍ରାଠୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହରର ପ୍ରମୁଖ ରାସ୍ତା ଦେଇ ପରିକ୍ରମା କରି ଫକୀର ମୋହନ ଗୋଲେଇ ହୋଇ ପୁନଃ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ୧୬ ଦିନ ବ୍ୟାପୀ ଚାଲୁ ରହିବ। ଶୋଭାଯାତ୍ରାକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଗଣ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର କର୍ମକର୍ତ୍ତାଗଣ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ମହାବିଦ୍ୟାଳୟର ଛାତ୍ରୀ, ଏକକ ସମାଧାନ କେନ୍ଦ୍ରର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ସମୟରେ 'ଲିଙ୍ଗଗତ ହିଂସା ବିରୁଦ୍ଧରେ ଏକ ହେବା', 'ନାରୀ ସୁରକ୍ଷା ଆମ ଦାୟିତ୍ୱ' ଭଳି ବିଭିନ୍ନ ସ୍ଲୋଗାନରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ଶପଥଗ୍ରହଣ ସମାରୋହକୁ ସହଯୋଗ କରିଥିଲେ।

ଐତିହାସିକ ବାଲିଯାତ୍ରା-୨୦୨୬ରେ କେଏମ୍‌ସି ପକ୍ଷରୁ ୨୯୦ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କଟକ, ନ୍ୟୁଜ୍ ବ୍ୟୁରୋ

ଐତିହାସିକ ବାଲିଯାତ୍ରା-୨୦୨୬ ଅବସରରେ କଟକ-ଇନ୍-କଟକ ପରିସରରେ ଆୟୋଜିତ ହେଉଛି କଟକ ମହାନଗର ନିଗମର ୧୫୦ ବର୍ଷ ପୂର୍ତ୍ତି ସମାରୋହ। ବୁଧବାର ଏହି ସମାରୋହରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂତନ ଭାବେ ସାମିଲ୍ ହୋଇଥିବା ମହାନଗର ନିଗମ ଅଞ୍ଚଳର ୨୯୫ ଜଣ ହିତାଧିକାରୀଙ୍କୁ ପେନ୍‌ସନ୍ ଭତ୍ତା ବଣ୍ଟନ କରାଯାଇଛି। କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ନଗରର ୫୯ଟି ୱାର୍ଡର ନୂତନ ହିତାଧିକାରୀମାନେ ଉପକୃତ ହୋଇଛନ୍ତି। ଏହି ଅବସରରେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୌସ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଜନଶୁଣାଣି ଓ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟିର ଅଧକ୍ଷା ପ୍ରଳୟା ବେଉରା, ପବ୍ଲିକ୍ ୱାର୍କସ୍ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ସମସ୍ତ କର୍ପୋରେଟର ଏବଂ ସହକାରୀ ଆୟୁକ୍ତ ସ୍ୱାତୀ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। କଟକ ମହାନଗର ନିଗମର ୧୫୦ ବର୍ଷର ଗୌରବମୟ ଯାତ୍ରାର ଏହି ଐତିହାସିକ ଉତ୍ସବରେ ସାମାଜିକ ସୁରକ୍ଷା ଓ ଜନକଲ୍ୟାଣକୁ ପ୍ରାଥମିକତା ଦେଇ ନୂତନ ପେନ୍‌ସନ୍ ହିତାଧିକାରୀଙ୍କୁ ସାମିଲ୍ କରାଯିବା ଏକ ଉଲ୍ଲେଖନୀୟ ପଦକ୍ଷେପ। ସମାଜର ବରିଷ୍ଠ ନାଗରିକ ଓ ଯୋଗ୍ୟ ବର୍ଗର ଲୋକଙ୍କୁ ସରକାରୀ ସାମାଜିକ ସୁରକ୍ଷା ଯୋଜନାର ସୁଫଳ ପହଞ୍ଚାଇବା ଦିଗରେ କଟକ ମହାନଗର ନିଗମ ନିରନ୍ତର ପ୍ରୟାସ ଜାରି ରଖିଛି।

ଗୋପବନ୍ଧୁ ଭବନରେ ୫୬୯ତମ ମାସିକ ସନ୍ଥ ଦିବସ ପାଳିତ

ଉତ୍କୃଷ୍ଟ ସାହିତ୍ୟ ହିଁ ଉତ୍କର୍ଷ ସାହିତ୍ୟ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଗୋପବନ୍ଧୁ ଭବନ ପରିସରରେ ସଦ୍‌ଭାବନା ସମିତି ପକ୍ଷରୁ ୫୬୯ ତମ ମାସିକ ସନ୍ଥ ଦିବସ ପାଳିତ ହୋଇଯାଇଛି। ସମିତିର କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଚଳିତ ମାସରେ ଜନ୍ମଗ୍ରହଣ କରିଥିବା ସନ୍ଥ ଗୁରୁ ନାନକ ଓ ସତ୍ୟସାଇ ବାବାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ଓଁକାର ପ୍ରତୀକ ନିକଟରେ ପବିତ୍ର ଗୀତା, ବାଇବେଲ ଓ କୋରାନ ପୂଜନ କରାଯାଇଥିଲା। ଚଳିତ ମାସର ଆଲୋଚନାଚକ୍ରରେ ଏବେର ଉଭଟ ସାହିତ୍ୟ ସମାଜ ପାଇଁ ମଉଜ ମଜଲିସ୍‌ର ଉତ୍କଟ ଉପହାର ଶୀର୍ଷକ ପ୍ରସଙ୍ଗ ଉପରେ ବିଶଦ ଆଲୋଚନା ହୋଇଥିଲା। ସମିତିର ପ୍ରତିଷ୍ଠାତା ତଥା ମାନବ ଧର୍ମ ପ୍ରଚାରକ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯୋଗଦେଇ କହିଥିଲେ ଯେ, କବି ସଚ୍ଚି ରାଉତରାୟ, ଜେନ ବେଟଜିମେନ ଏବଂ ମାରିଓ ଭର୍ଗାସ ଲୋସାଙ୍କ ଆଦର୍ଶ ଅନୁଯାୟୀ ସାହିତ୍ୟ କେବଳ ବିଳାସ କିମ୍ବା ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ସମାଜ ସଂସ୍କାର ଓ ବଞ୍ଚିତ ବର୍ଗଙ୍କ ମୁକ୍ତି ପାଇଁ ସଂଗ୍ରାମର ଇନ୍ଧନ ହେବା ଉଚିତ। ସମାଜ ସଂସ୍କାର ପାଇଁ ଉତ୍କୃଷ୍ଟ ସାହିତ୍ୟ ହିଁ ପ୍ରକୃତ ଉତ୍କର୍ଷ ସାହିତ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଡା. ସୁଶୀଲ କୁମାର ବସା, ସମ୍ମାନିତ ଅତିଥି ଭାବେ ଡା. ପୁଷ୍ପା ପାତ୍ର, ମୁଖ୍ୟବକ୍ତା ଭାବେ ପଦ୍ମନାଭ ସାହୁ ଏବଂ ସମ୍ମାନିତ ବକ୍ତା ଭାବେ ସାୟାଦିକ ଅଭିଜିତ ମହାନ୍ତି, ପଣ୍ଡିତ ଭାଗବତ ପଣ୍ଡା, ରାଜେନ୍ଦ୍ର କୁମାର ସାମଲ, ରଘୁନାଥ ପଣ୍ଡା ଓ ନୃସିଂହ ବାରିକ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ କେବଳ ବିଜ୍ଞାପନ ସାଉଁଟି ସ୍ମରଣିକା ପ୍ରକାଶ କରିବା କିମ୍ବା ମୋଟା ବହି ଛାପି ବ୍ୟକ୍ତିଗତ ସ୍ତରରେ ସାହିତ୍ୟ ଚାଷ କରିବା ପରିବର୍ତ୍ତେ ସମାଜ ପରିବର୍ତ୍ତନର ଭାଷ୍ୟକାର ସାଜିବାକୁ ଆହ୍ୱାନ୍ ଦେଇଥିଲେ। ଏହି ଅବସରରେ ସମିତିର ପ୍ରତିଷ୍ଠାତାଙ୍କ ଦ୍ୱାରା ନବପ୍ରକାଶିତ ମାନବ ଧର୍ମ (ଜାଣିବା-ଜିଣିବା) ଗ୍ରନ୍ଥର ମାନବ ଧର୍ମ ବିଭାଗ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ କରିଥିବା ବେଳେ ଭଉଣୀ ମାମୁନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଇଞ୍ଜିନିୟର ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ପରଲୋକ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଗଙ୍ଗାଧର ମେହେର ଛକ ନିବାସୀ ଇଂ. ଶ୍ୟାମ ସୁନ୍ଦର ଅଗ୍ରୱାଲ (୮୦)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ସନ୍ଧ୍ୟା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ରାତିରେ ଘରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ । ତାଙ୍କୁ ତୁରନ୍ତ ସୋନପୁର ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋନପୁର ପୌରପରିଷଦ ପ୍ରଥମ ଇଞ୍ଜିନିୟରିଂ ଭାବେ କାର୍ଯ୍ୟ କରିଥିଲେ। ସେ ଦୀର୍ଘ ବର୍ଷ ଧରି ସରକାରଙ୍କ ପୂର୍ତ୍ତ ବିଭାଗ କାମ ଗୁଡ଼ିକୁ ଅତ୍ୟନ୍ତ ସଚ୍ଚୋଟତା ଓ ନିଷ୍ଠାର ସହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହା ସହ ସେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଦୀର୍ଘ ଦିନ ଧରି ସଭାପତି ରହିଆସିଥିବା ବେଳେ ବର୍ତ୍ତମାନ ମଧ୍ୟ କାର୍ଯ୍ୟରତ ଥିଲେ । କେନ୍ଦ୍ରର ଉନ୍ନତି ଓ ଶିକ୍ଷା ପ୍ରସାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସେ ମାରୱାଡି ସମାଜର ଦୀର୍ଘ ବର୍ଷ ଧରି ସଭାପତି ମଧ୍ୟ ଥିଲେ । କାର୍ଯ୍ୟକ୍ଷେତ୍ରରେ ସେ ଜଣେ ସରଳ, ମିଷ୍ଟଭାଷୀ ଓ କର୍ତ୍ତବ୍ୟପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ବିୟୋଗରେ ମାରୱାଡି ସମାଜ ତଥା ସୁବର୍ଣ୍ଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମର ଶରୀର ଘରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମାରୱାଡି ସମାଜର ବ୍ୟକ୍ତି ବିଶେଷ ଏବଂ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବରିଷ୍ଠ ସଦସ୍ୟ ଇନ୍ଦ୍ରମଣୀ ଦାଶ, ହରି ନାରାୟଣ ତ୍ରିପାଠୀ, ମଦନ ମୋହନ ଦାନୀ, ଲକ୍ଷ୍ମୀ ନାରାୟଣ ମହାନ୍ତି, ଡ. ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଅନ୍ତିମ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ରାମେଶ୍ୱର ସଙ୍ଗମ ସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି ।

ଅଙ୍ଗନୱାଡି କର୍ମୀଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବିପତ୍ର ପ୍ରଦାନ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ବାନରରେ ସାରା ରାଜ୍ୟରେ ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନେ ୭ ଦଫା ଦାବିରେ ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ଖପ୍ରାଖୋଲ ବ୍ଲକ ସମ୍ମୁଖରେ ବୁଧବାର ଧାରଣା ଦେଇଥିଲେ। ଏହି ଅବସରରେ ଏକ ୭ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ବିବେକାନନ୍ଦ ସଡଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ହେଲା- ୧. ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ। ମାନ୍ୟତା ପ୍ରଦାନ ନହେବା ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୩୦ ହଜାର ଏବଂ ସହାୟିକାଙ୍କୁ ମାସିକ ୧୫ ହଜାର ପାରିଶ୍ରମିକ ପ୍ରଦାନ କରାଯାଉ। ୨.ଉଚ୍ଚତମ ନ୍ୟାୟାଳୟଙ୍କ Civil Appeal No.(S)-୩୧୫୩, ତାରିଖ ୨୫.୦୪.୨୦୨୨ ରାୟ ଅନୁଯାୟୀ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଗ୍ରାଚୁଇଟି ପ୍ରଦାନ କରାଯାଉ। ୩. ୨୦୨୪ ମସିହା ନିର୍ବାଚନ ଇସ୍ତାହାରରେ ଘୋଷିତ



ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନଙ୍କ ପାରିଶ୍ରମିକ ବୃଦ୍ଧିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ୪. ୧୩.୦୫.୨୦୨୨ ତାରିଖରେ ଜାରି ପତ୍ର ସଂଖ୍ୟା ୧୭୩୪୫ ଅନୁଯାୟୀ ୫୫ ବର୍ଷରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀଙ୍କ ପ୍ରତିବର୍ଷ କାର୍ଯ୍ୟକ୍ଷମତା ମାମଲା ବନ୍ଦ କରାଯାଉ। ୫. ୬୦ ବର୍ଷ ସେବା ପୁରଣ ପରେ ଦୁଇ ବର୍ଷଥାଁ ପ୍ରଶିକ୍ଷଣ ନିଯୁକ୍ତି ପାଇଁ ସମସ୍ତ ରାଜ୍ୟରେ ସମାନ ନୀତି ଓ ସ୍କୁଲ ନିର୍ଦ୍ଦେଶକାରୀ ଜାରି କରାଯାଉ। ଅଙ୍ଗନୱାଡି କର୍ମୀଙ୍କୁ ୧୦ ଲକ୍ଷ ଏବଂ ପ୍ରତିବର୍ଷ ନିଶୁଳ୍କ କରାଯାଉ ଏବଂ ଅଙ୍ଗନୱାଡି ସହାୟିକାଙ୍କ ପଦୋନ୍ନତି କ୍ଷେତ୍ରରେ ଥିବା ବୟସ ସୀମା ଉଠେଇବା କରାଯାଉ। ୬. ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ୫ ଲକ୍ଷ ମୃତ୍ୟୁ କାଳୀନ ସହାୟତା ପ୍ରଦାନ କରାଯାଉ। ୭. ଏଥିସହ ପରିବାରରେ ଜଣେ ସଦସ୍ୟାଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯାଉ। ଏହି ଅବସରରେ ସଂଘର ବ୍ଲକ ସଭାନେତ୍ରୀ ମଞ୍ଜୁଲତା ବେହେରା, ସମ୍ପାଦିକା ସନ୍ଧ୍ୟାରାଣୀ ଗିରି, ରାମାବତି ବିଶି, ଲିଲାବତୀ ସାହୁ, ଗୀତାଞ୍ଜଳୀ ଭୋଇ, ସୁନୀତା ବାଗ, ଭୂମି ସୁତା ରାଜହଂସ, ପ୍ରତିମା ବରିହା, ସବ୍ରିତା ଗୋଏଲ, ଗୌରୀ ସାହୁ ସମେତ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

ହୋଟେଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମାହାଙ୍ଗା, ନ୍ୟୁଜ୍

ମାହାଙ୍ଗା ଥାନା କୁଆଁପାଳ ସ୍ଥିତ ମା' ତାରିଣୀ ହୋଟେଲ ଆଣ୍ଡ ଫାଷ୍ଟଫୁଡ୍ ଦୋକାନ ମଧ୍ୟରୁ ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତ ଦେହ ଠାବ ହୋଇଛି । ମୃତକ ଜଣକ ହଂସଦିଆ ଗ୍ରାମର ପ୍ରାୟ ୫୦ ବର୍ଷୀୟ ବ୍ୟକ୍ତି ବୋଲି ଜଣାପଡ଼ିଛି । ଦୋକାନ ଭିତରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଅବସ୍ଥାରେ ତାଙ୍କୁ ଠାବ କରାଯାଇଥିଲା । ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ମୃତ୍ୟୁର ପ୍ରକୃତ କାରଣ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜଣାପଡିଛି ।

୬୭ଟି ପ୍ରକଳ୍ପରେ ଝଲସିଲା କୁନି ବୈଜ୍ଞାନିକଙ୍କ ପ୍ରତିଭା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ଲିଖିତ କୁଇଜ୍ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୬୭ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କୁନି ବୈଜ୍ଞାନିକମାନଙ୍କ ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଓ ନୂତନ ଆବିଷ୍କାରର ଝଲକ୍ ଏହି ପ୍ରଦର୍ଶନୀରେ ପରିଲକ୍ଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବରଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶ

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୨୭ ନଭେମ୍ବର ୨୦୨୬ ଶୁକ୍ରବାର



ବଲାଙ୍ଗୀର-ଲଖନା ରେଳପଥକୁ ମିଳିଲା ସ୍ୱତନ୍ତ୍ର ପ୍ରକଳ୍ପ ମାନ୍ୟତା

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗୀର ଜିଲ୍ଲାବାସୀଙ୍କ ବହୁ ପ୍ରତୀକ୍ଷିତ ବଲାଙ୍ଗୀର-ଲଖନା (ନୂଆପଡ଼ା) ନୂତନ ରେଳପଥ ପ୍ରକଳ୍ପକୁ ମିଳିଛି ସ୍ୱତନ୍ତ୍ର ରେଳ ପ୍ରକଳ୍ପର ମାନ୍ୟତା। ଦୀର୍ଘଦିନ ଧରି ଏହି ରେଳପଥ ନିର୍ମାଣ ପାଇଁ ଦାବି ହୋଇଆସୁଥିବା ବେଳେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଅଧୀନ ପୂର୍ବତଟ ରେଳପଥ (ନିର୍ମାଣ) ପକ୍ଷରୁ ଏନେଇ ସରକାରୀ ଅଧିସୂଚନା ଜାରି ହୋଇଛି । ୨୩ ନଭେମ୍ବର ୨୦୨୬ରେ ଭୁବନେଶ୍ୱର ଠାରୁ ପ୍ରକାଶିତ ଅଧିସୂଚନା ଅନୁଯାୟୀ ବଲାଙ୍ଗୀର-ଲଖନା (ନୂଆପଡ଼ା) ଭାୟା ପାଟଣାଗଡ଼ ୧୦୨ କିଲୋମିଟର ନୂତନ ବ୍ରଡଗେଜ୍ ରେଳପଥକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ଘୋଷଣା କରାଯାଇଛି । ରେଳବାଇ (ସଂଶୋଧନ) ଆଇନ୍, ୨୦୦୮ର ଧାରା ୩୭(କ) ଅନୁଯାୟୀ କେନ୍ଦ୍ର ସରକାର ଏହି ଅଧିସୂଚନା ଜାରି କରିଛନ୍ତି। ଏହି ରେଳପଥ ନିର୍ମାଣ ହେଲେ ବଲାଙ୍ଗୀର, ପାଟଣାଗଡ଼, ଖପ୍ରାଖୋଲ, ହରିଶଙ୍କର ଓ ନୂଆପଡ଼ା ଅଞ୍ଚଳର ରେଳପଥ ଯୋଗାଯୋଗ ବ୍ୟବସ୍ଥାରେ ବହୁ ପରିବର୍ତ୍ତନ ଆସିବା ସହ ଆଞ୍ଚଳିକ ଅର୍ଥନୀତିକୁ ନୂଆ ଦିଗ ମିଳିପାରିବ। ବିଶେଷକରି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପୁଣ୍ୟକ୍ଷେତ୍ର ହରିଶଙ୍କରର ପର୍ଯ୍ୟଟନ ବିକାଶ ପାଇଁ ଏହି ରେଳପଥ ନୂତନ ସମ୍ଭାବନା ସୃଷ୍ଟି କରିବ। ହରିଶଙ୍କରର ପ୍ରାକୃତିକ ଶୋଭାରାଜି, ପାପନାଶିନୀ ଝରଣା ଓ ଧାର୍ମିକ ମହତ୍ତ୍ୱ ଦେଖିବା, ବିଭିନ୍ନ ରାଜ୍ୟର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ରେଳ ସଂଯୋଗ ଦ୍ୱାରା ଅନ୍ୟ ରାଜ୍ୟ ସହ ପଶ୍ଚିମ ଓଡ଼ିଶାର ଯାତାୟାତ ସୁବିଧା ବର୍ଦ୍ଧିଲେ ହରିଶଙ୍କରକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବା ସହ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଦୀର୍ଘଦିନର ଦାବି ପରେ ଏହି ପ୍ରକଳ୍ପକୁ ସ୍ୱତନ୍ତ୍ର ମାନ୍ୟତା ମିଳିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ବହୁଦିନର ଅପେକ୍ଷାର ଅନ୍ତ ହେବ ।

////////////////// ପର୍ଯ୍ୟଟନ ମାନଚିତ୍ରରେ ନୂଆ ପରିଚୟ ପାଇବ କେନ୍ଦୁଝର //////////////////

୨୦୬ କୋଟି ଟଙ୍କାର ନିବେଶ ପାଇଁ ନିବେଶକଙ୍କ ସମ୍ମତି:ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରର ସମ୍ଭାବନାକୁ ଆହୁରି ବ୍ୟାପକ କରିବା, ନୂତନ ନିବେଶକଙ୍କୁ ଆକର୍ଷିତ କରିବା ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ରେ ଜିଲ୍ଲାସ୍ତରୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳର ନିବେଶକମାନେ ପର୍ଯ୍ୟଟନ କ୍ଷେତ୍ରରେ ମୋଟ୍ ୨୦୬ କୋଟି ଟଙ୍କାର ନିବେଶ ପାଇଁ ସମ୍ମତି ପ୍ରକାଶ କରିଥିବା ବିଷୟ ବୈଠକରେ ଉଲ୍ଲେଖ କରାଯାଇଥିଲା। ବୈଠକରେ ପର୍ଯ୍ୟଟନ ବିଭାଗର ସହ-ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ପର୍ଯ୍ୟଟନ କ୍ଷେତ୍ରରେ ନିବେଶକ ଓ ଉଦ୍ୟୋଗୀମାନଙ୍କୁ ଆକର୍ଷିତ କରିବା ପାଇଁ ଉପଲବ୍ଧ ଆର୍ଥିକ ସହାୟତା, ସବ୍‌ସିଡି ଓ ବିଭିନ୍ନ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାରେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ସହ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ନିବେଶକଙ୍କୁ ଆକର୍ଷିତ କରିବା ଏବଂ ୨୦୩୬କୁ ଲକ୍ଷ୍ୟ ରଖି ଷ୍ଟାର୍ ହୋଟେଲ୍‌ର ବିକାଶ ଉପରେ ସେ ଗୁରୁତ୍ୱ



ଦେଇଥିଲେ। ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଭୋଜନାଳୟ, ପାର୍କିଂ ବ୍ୟବସ୍ଥା, ମନୋରଞ୍ଜନ ପାର୍କ, ଖାଦ୍ୟ ପ୍ରାଙ୍ଗଣ, ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ସୁବିଧା, ଥିମ୍ ପାର୍କ, ଐତିହ୍ୟ ସମ୍ପତ୍ତିର ସଂରକ୍ଷଣ, ଐତିହ୍ୟ ହୋଟେଲ୍ ଏବଂ ସମ୍ମିଳନୀ କେନ୍ଦ୍ର ଭଳି ସୁବିଧାର ବିକାଶ ନେଇ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ପୁଷ୍କର କୁମାର ପ୍ରଧାନ ପର୍ଯ୍ୟଟନ କ୍ଷେତ୍ରରେ ଯୁବ ଉଦ୍ୟୋଗୀମାନଙ୍କ ଅଂଶଗ୍ରହଣ ଓ ନୂତନ ଉଦ୍ୟୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଆଧାର କରି ଯୁବପିଢ଼ି ଅଭିନବ ବ୍ୟବସାୟିକ ଚିନ୍ତାଧାରା ସହ ଆଗକୁ ଆସି ପର୍ଯ୍ୟଟନ ଭିତ୍ତିଭୂମି ଓ ସେବା କ୍ଷେତ୍ରରେ ନିଜର ଯୋଗଦାନ ରଖିବାକୁ ସେ ଉତ୍ସାହିତ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ନୂତନ ରୋଜଗାର ସୁଯୋଗ ସୃଷ୍ଟି, ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ପର୍ଯ୍ୟଟନ ଶିଳ୍ପର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। କେନ୍ଦୁଝର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଯଥା ସାନଘାଗରା, ବଡ଼ଘାଗରା, ହଦଗଡ଼ ଜଳଭଣ୍ଡାର ଓ ବିଭିନ୍ନ ଜଳପ୍ରପାତର ପ୍ରଚାର-ପ୍ରସାର ଏବଂ ଏହାର ପର୍ଯ୍ୟଟନ ଆକର୍ଷଣକୁ ଅଧିକ ବ୍ୟାପକ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଅଧିକ ପର୍ଯ୍ୟଟକଙ୍କ ନିକଟରେ ପରିଚିତ କରାଇବା ସହ ସୁବିଧାଜନକ ଓ ଆକର୍ଷଣୀୟ ପର୍ଯ୍ୟଟନ ଅନୁଭୂତି ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବିନତୀ ମାଝୀ, ହୋଟେଲ୍ ମାଲିକ ସଂଘର ସଭାପତି ସୁରେଶ ପଟ୍ଟନାୟକ, ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଗ୍ରଣୀ ଜିଲ୍ଲା ପରିଚାଳକ (ଏଲ୍‌ଡିଏମ୍) ହୀରାଲାଲ ମହାମଲ୍ଲିକ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବର୍ତ୍ତମାନର ଓ ସମ୍ଭାବ୍ୟ ନିବେଶକ ଏବଂ ଯୁବ ଉଦ୍ୟୋଗୀମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ସଠିକ୍ ଭାବେ ଉପଯୋଗ କରି ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି, ନିବେଶ ଓ ଉଦ୍ୟୋଗ ସୃଷ୍ଟି, ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି ଏବଂ ଜିଲ୍ଲାର ଅର୍ଥନୈତିକ ବିକାଶକୁ ଗତି ଦେବା ଦିଗରେ ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲା।

କଟକ ରେଳଷ୍ଟେସନ୍‌କୁ ମିଳୁଛି ବିଶ୍ୱସ୍ତରୀୟ ରୂପ:ଶେଷ ପର୍ଯ୍ୟାୟରେ ଆଧୁନିକୀକରଣ କାର୍ଯ୍ୟ



କଟକ, ନ୍ୟୁଜ୍ ବ୍ୟୁରୋ

ଐତିହାସିକ ସହର କଟକର ଗୌରବମୟ ପରିଚୟକୁ ଆହୁରି ଆକର୍ଷଣୀୟ କରିବାକୁ ଯାଉଛି କଟକର ରେଳଷ୍ଟେସନ୍। ଦୀର୍ଘଦିନର ପୁରୁଣା ଭିତ୍ତିଭୂମିରେ ଏବେ ଯୋଡ଼ି ହେଉଛି ଆଧୁନିକତାର ନୂଆ ଅଧ୍ୟାୟ। ରେଳ ବିଭାଗ ପକ୍ଷରୁ ଷ୍ଟେସନ୍‌ର ଚାଲିଥିବା ବ୍ୟାପକ ଉନ୍ନତିକରଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆ ରୂପରେ ସଜେଇ ହେଉଥିବା ସିଲଭର ସିଟିର ଏହି ରେଳଷ୍ଟେସନ୍ ଆଗାମୀ ଦିନରେ ଯାତ୍ରୀଙ୍କୁ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବାକୁ ଯାଉଛି। ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ଆଧୁନିକୀକରଣ ପ୍ରକଳ୍ପ ଅଧୀନରେ ଷ୍ଟେସନ୍‌ର ଭିତ୍ତିଭୂମି ଠାରୁ ଆରମ୍ଭ କରି ଯାତ୍ରୀ ସୁବିଧା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଷ୍ଟେସନ୍‌ର ପୂର୍ବ ଓ ପଶ୍ଚିମ ପାର୍ଶ୍ୱରେ ନୂତନ ପ୍ରବେଶ ପଥ ନିର୍ମାଣ କରାଯାଇଥିବା ବେଳେ ଉତ୍ତର, ଦକ୍ଷିଣ ଓ ପୂର୍ବ ପାର୍ଶ୍ୱରେ ଫୁଟ୍ ଓଭରବ୍ରିଜ୍‌ର ବ୍ୟବସ୍ଥା ରହିଛି। ଏହାଦ୍ୱାରା ଯାତ୍ରୀଙ୍କ ଯାତାୟାତ ଅଧିକ ସୁଗମ ଓ ସୁବିଧାଜନକ ହେବ। ଷ୍ଟେସନ୍‌ର ନୂତନ ଆକର୍ଷଣ ପାଲଟିଛି ତିନି ମହଲା ବିଶିଷ୍ଟ ଅତ୍ୟାଧୁନିକ କୋଠା। ଏଠାରେ ଯାତ୍ରୀଙ୍କ ସୁବିଧା ପାଇଁ ଲିଫ୍ଟ, ଏସ୍କାଲେଟର ଓ ପାହାଚର ବ୍ୟବସ୍ଥା କରାଯାଇଛି। ଏଥିସହିତ ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ୱେଟିଂ ହଲ୍, ବିଶ୍ରାମଗାର ଓ ସ୍ୱତନ୍ତ୍ର ବସିବା ସ୍ଥାନ ନିର୍ମାଣ କରାଯାଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଏବଂ ବରିଷ୍ଠ ନାଗରିକଙ୍କୁ ଯାତ୍ରା ସମୟରେ ଅଧିକ ସୁବିଧା ମିଳିପାରିବ। କେବଳ ଯାତ୍ରୀ ପରିବହନ ନୁହେଁ, ଷ୍ଟେସନ୍ ପରିସରକୁ ଏକ ସୁବ୍ୟବସ୍ଥିତ ଓ ଆଧୁନିକ ପରିବେଶରେ ପରିଣତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ କ୍ୟାଫେଟେରିଆ, ପାର୍କିଂ ସୁବିଧା ଓ ସେଲ୍ଫି ଭେଣ୍ଟିଂ ଜୋନ୍‌ର ବ୍ୟବସ୍ଥା ରହିଛି। ଷ୍ଟେସନ୍‌ର ପ୍ରବେଶ ପଥକୁ ଆହୁରି ଆକର୍ଷଣୀୟ କରିବା ଲାଗି ଲ୍ୟାଣ୍ଡସ୍କେପିଂ କରାଯାଇଛି। ଏହା ଷ୍ଟେସନ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଯାତ୍ରୀଙ୍କୁ ଏକ ନୂତନ ପରିବେଶର ଅନୁଭୂତି ଦେବ। ଷ୍ଟେସନ୍‌ର ଏହି ନୂଆ ରୂପ ଓ ଯୋଡ଼ି ହୋଇଥିବା ଆଧୁନିକ ସୁବିଧାକୁ ନେଇ ଯାତ୍ରୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଶେଷକରି ପୁରୁଣା ଷ୍ଟେସନର ଚିରାଚରିତ ଚେହେରା ବଦଳି ଏକ ନୂତନ ଆଧୁନିକ ରୂପ ନେଉଥିବାରୁ ଏହା କଟକ ସହରର ଯୋଗାଯୋଗ ଭିତ୍ତିଭୂମିକୁ ନୂଆ ପରିଚୟ ଦେବ ବୋଲି ଆଶା କରାଯାଉଛି। ବାକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ତିନି ମହଲା ବିଶିଷ୍ଟ ନୂତନ କୋଠାର ଶୁଭାରମ୍ଭ କରିବାକୁ ରେଳ ବିଭାଗ ଯୋଜନା ରଖିଛି। ଏହା କାର୍ଯ୍ୟକ୍ଷମ ହେବା ପରେ କଟକ ରେଳଷ୍ଟେସନ୍ କେବଳ ଯାତ୍ରୀ ପରିବହନର ଏକ ପ୍ରମୁଖ କେନ୍ଦ୍ର ଭାବେ ନୁହେଁ, ବରଂ ସହରର ଆଧୁନିକ ବିକାଶର ଏକ ନୂଆ ପରିଚୟ ଭାବେ ଉଭା ହେବ।

ଉତ୍କଳବୀରମାନଙ୍କ ଗୌରବଗାଥାକୁ ଜାଗ୍ରତ କରିବା ବୋଇତ ବନ୍ଦାଣ ଉତ୍ସବର ଆଭିମୁଖ୍ୟ



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ମା' ବଜ୍ର ମହାକାଳୀ ସଂଘର ୨୯ତମ ବୋଇତ ବନ୍ଦାଣ ବାର୍ଷିକ ଉତ୍ସବ କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଆୟେବା ଠାରେ ଉଦ୍‌ଘାଟିତ ହୋଇଯାଇଛି। ଯୁବକ ସଂଘର ପ୍ରତିଷ୍ଠା ସଭାପତିସନତ କୁମାର ନାୟକ ଏହି ଉତ୍ସବକୁ ଉଦ୍ଘାଟନ କରି କହିଲେ ଉତ୍କଳବୀର ପୁରୁଷମାନଙ୍କ ଗୌରବ ଗାଥାକୁ ଗ୍ରାମାଞ୍ଚଳ ସ୍ତରରେ ପିଲାମାନଙ୍କ ମଧ୍ୟରେ ଜାଗୃତ କରିବା ଏହି ଉତ୍ସବର ଆଭିମୁଖ୍ୟ। ସମ୍ମାନିତ ଅତିଥି ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ ତାଙ୍କ ବକ୍ତବ୍ୟରେ କହିଲେ। ଏହି ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶରେ ସହାୟତା କରୁଛି। ଏପରି କାର୍ଯ୍ୟ ପ୍ରତି ପଞ୍ଚାୟତରେ ହେବାର ଆବଶ୍ୟକତା ଅଛି। ଯୁବକ ସଂଘ ସଭାପତି ଶରତ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଚିତ୍ତରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁନାମ ଧନ୍ୟସମାଜ ସେବୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କୁ 'ସମାଜ ସେବା ସମ୍ମାନ'ରେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ତିନିଦିନିଆ ଏହି ଉତ୍ସବର ପ୍ରଥମ ଦିନରେ ବିଦ୍ୟାଳୟ ସ୍ତରୀୟ କନିଷ୍ଠ ଓ ବରିଷ୍ଠ ବର୍ଗର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ତର୍କ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟରେ ଉଚ୍ଚଶିକ୍ଷାକୁ ମିଳୁଛି ନୂଆ ଦିଗ

ବାଲେଶ୍ୱର, ନ୍ୟୁଜ୍

ଭାରତର ସମୃଦ୍ଧ ଜ୍ଞାନ ପରମ୍ପରାକୁ ଆଧୁନିକ ଶିକ୍ଷା, ଗବେଷଣା ଓ ଶିକ୍ଷାଦାନ ପ୍ରଣାଳୀ ସହ ଯୋଡ଼ିବା ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦୁଇ ସାପ୍ତାହିକ ଆନ୍ତଃବିଷୟକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଓ ଭାରତୀୟ ଜ୍ଞାନ ପରମ୍ପରା ପ୍ରକୋଷ୍ଠର ମିଳିତ ଆୟୋଜନରେ ନଭେମ୍ବର ୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଏହି ପ୍ରଶିକ୍ଷଣରେ ଭାରତୀୟ ଜ୍ଞାନ ପରମ୍ପରାର ମୂଳଭିତ୍ତି, ଦର୍ଶନ ଓ ନୀତିଶାସ୍ତ୍ର, ପାରମ୍ପରିକ ଚିକିତ୍ସା ଓ ସୁସ୍ଥତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତର ଅବଦାନ, ପରିବେଶ ସୁରକ୍ଷା ଓ ସ୍ଥାୟୀ ଜୀବନଶୈଳୀ, ଦେଶୀ ଶାସନ ବ୍ୟବସ୍ଥା, ଭାଷା, ସାହିତ୍ୟ, ଜ୍ଞାନର ପ୍ରସାର, ଗବେଷଣା ପଦ୍ଧତି ଏବଂ ଆଧୁନିକ ଶିକ୍ଷା ଓ ନବସୃଜନ କ୍ଷେତ୍ରରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋଚନା ହୋଇଥିଲା। ଏହା ଶିକ୍ଷକ, ଶିକ୍ଷା ପ୍ରଶାସକ ଓ ଗବେଷକମାନଙ୍କୁ ଭାରତୀୟ ଜ୍ଞାନ ପରମ୍ପରା ଆଧାରିତ ଶିକ୍ଷାଦାନ ଓ ଗବେଷଣାର ନୂତନ ଦୃଷ୍ଟିକୋଣ ଦେବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏହି



କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ଭାରତୀୟ ଜ୍ଞାନ ପରମ୍ପରା ବିଶେଷଜ୍ଞମାନେ ଯୋଗଦେଇ ବକ୍ତୃତା, ଆଲୋଚନାଚକ୍ର, କର୍ମଶାଳା, ଦଳଗତ କାର୍ଯ୍ୟ, ଉପସ୍ଥାପନା ଓ ଗବେଷଣାଭିତ୍ତିକ ଶିକ୍ଷାମୂଳକ କାର୍ଯ୍ୟକଳାପ ମାଧ୍ୟମରେ ପ୍ରଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଉଲ୍ଲେଖନୀୟ ବକ୍ତାମାନଙ୍କ ମଧ୍ୟରେ ଆଇଆଇଟି ଖଡ଼ଗପୁରର ଡ. ପିଜୁଷ କାନ୍ତି ପାଲ୍ ଓ ପ୍ରଫେସର ଅନୁରାଧା ଚୌଧୁରୀ; କୋଲକାତା ବିଶ୍ୱବିଦ୍ୟାଳୟର ଡ. ମଞ୍ଜୁଷା ମଜୁମଦାର, ଲାଲ ବାହାଦୁର ଶାସ୍ତ୍ରୀ ସ୍ନାତକୋତ୍ତର ମହାବିଦ୍ୟାଳୟ, ମୁଗଲସରାଇର ଡକ୍ଟର ଅମିତେଶ କୁମାର ସିଂ, ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ, ବାରାଣସୀର ଡକ୍ଟର ସନ୍ଦୀପ କୁମାର ସିଂ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଓ ପ୍ରଫେସର ନବନୀତା ରଥ, ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ବି.ଏନ୍. ପଣ୍ଡା, ଢେଙ୍କାନାଳର ଡକ୍ଟର ରଜତ ପ୍ରଧାନ, ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟର ଡକ୍ଟର ବରଦା ଲକ୍ଷ୍ମୀ ପଣ୍ଡା, ବିଶିଷ୍ଟ ବେଦବିତ୍ ଓ ଗବେଷକ ପଣ୍ଡିତ ବାସୁଦେବ ମିଶ୍ର, କୋଲକାତା ସ୍ଥିତ ସାହା ଆଣବିକ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ପଦ୍ମଜା ପ୍ରସାଦ ମିଶ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟର ପ୍ରତିମା ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସଭା ଡକ୍ଟର ରାଜଶ୍ରୀ ଦତ୍ତ, ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜିକାଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ଡକ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମର ବିବରଣୀ ଓ ସଫଳତା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ଭାରତୀୟ ଜ୍ଞାନ ପରମ୍ପରା ପ୍ରକୋଷ୍ଠର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂଘର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ଉଦ୍‌ବୋଧନ ଦେଇ ଭାରତୀୟ ଜ୍ଞାନ ପରମ୍ପରାର ଗୁରୁତ୍ୱ, ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଗବେଷଣା ଓ ସାମଗ୍ରିକ ଶିକ୍ଷାରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଭାରତର ପାରମ୍ପରିକ ଜ୍ଞାନ ଓ ସାଂସ୍କୃତିକ ଐତିହ୍ୟକୁ ଅନୁସନ୍ଧାନ, ସଂରକ୍ଷଣ ଏବଂ ଆଧୁନିକ ଶିକ୍ଷା ଓ ଗବେଷଣା ସହ ସମନ୍ୱୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଶିକ୍ଷଣରୁ ମିଳିଥିବା ଜ୍ଞାନକୁ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ସାର୍ଥକ ଭାବେ ପ୍ରୟୋଗ କରିବାକୁ ସେ ଅଂଶଗ୍ରହଣକାରୀମାନଙ୍କୁ ଆହ୍ୱା

ପକ୍ଷାତ୍ତୀତ

32 YEARS

ସମ୍ବାଦ କଳିକା

ଶକ୍ତିଶାଳୀ ଦେଶ ତାଲିକାରେ ତୃତୀୟ ସ୍ଥାନରେ ଭାରତ

ଆର୍ଥିକ କ୍ଷମତା ହ୍ରାସ ସତ୍ତ୍ୱେ ଭାରତ ଏସିଆର ତୃତୀୟ ଶକ୍ତିଶାଳୀ ଦେଶ ଭାବେ ନିଜର ସ୍ଥିତି ମଜବୁତ କରି ପାରିଛି । ଅଷ୍ଟ୍ରେଲିଆର ପ୍ରମୁଖ ଥିଙ୍କ ଟ୍ୟାଙ୍କ ଲେଭି ଇନଷ୍ଟିଚ୍ୟୁଟ ଦ୍ୱାରା ୨୦୨୬ ନଭେମ୍ବରରେ ଜାରି ଏସିଆ ପାୱାର ଇଣ୍ଡେକ୍ସ ୨୦୨୬ ର ତାଜା ରିପୋର୍ଟ ଅନୁସାରେ ଭାରତର ସାମଗ୍ରିକ ଶକ୍ତି ସ୍କୋର ୧୦୦ରୁ ୪୦.୯ ରହିଛି ଯାହା ଗତ ବର୍ଷ ତୁଳନାରେ ୦.୫ ଅଧିକ । ଏହି ତାଲିକାରେ ଆମେରିକା ୭୮.୯ ଅଙ୍କ ରଖି ପ୍ରଥମରେ ଥିବାବେଳେ ଚୀନ ୭୩.୬ ଅଙ୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛି । ଭାରତ ଜାପାନ ଏବଂ ରୁଷକୁ ପଛରେ ପକାଇ ତୃତୀୟ ସ୍ଥାନରେ ରହିଛି । ଜାପାନ ସ୍କୋର ୩୮.୬ ଥିବାବେଳେ ରୁଷ ସ୍କୋର ୩୨.୨ ରହିଛି । ସେହିପରି ଅଷ୍ଟ୍ରେଲିଆ ସ୍କୋର ୩୧.୭ ରହିଛି । ୭୦ରୁ ଅଧିକ ପଏଣ୍ଟ ରଖି ଆମେରିକା ଓ ଚୀନ ମହାଶକ୍ତି ହୋଇ ପାରିଛନ୍ତି । ଅନ୍ୟପକ୍ଷେ ୪୦ରୁ ଅଧିକ ପଏଣ୍ଟ ରଖି ଭାରତ ଏହି କ୍ଷେତ୍ରରେ ପ୍ରମୁଖ ଶକ୍ତି ଭାବେ ନିଜ ସ୍ଥିତି ମଜବୁତ କରିପାରିଛି । ରିପୋର୍ଟରେ ଗୁରୁତ୍ୱପୂର୍ଣ୍ଣ କଥା ସାମ୍ନାକୁ ଆସିଛି । ତାହା ହେଉଛି, ୨୦୧୮ରେ ସୂଚକାଙ୍କ ଆରମ୍ଭ ହେବା ପରଠାରୁ ଭାରତ ଏବଂ ଚୀନ୍ ମଧ୍ୟରେ ଶକ୍ତି ବ୍ୟବଧାନ ସବୁଠାରୁ କମ୍ ସ୍ତରରେ ପହଞ୍ଚିଛି । ତଥାପି, ଚୀନ୍‌ର ସାମଗ୍ରିକ ଶକ୍ତି ଏବେ ବି ଭାରତ ତୁଳନାରେ ୮୦ ପ୍ରତିଶତ ଅଧିକ । ରିପୋର୍ଟ ଅନୁସାରେ, ଭାରତର ଏହି ସାମଗ୍ରିକ ଶକ୍ତିବୃଦ୍ଧିର ସୁଧାର ପଛରେ ପ୍ରତିରକ୍ଷା କୂଟନୀତି, ବ୍ୟବସାୟିକ ସ୍ଥିରତା, ସାଂସ୍କୃତିକ ପ୍ରଭାବର ଏକ ବଡ ଯୋଗଦାନ ରହିଛି । ଭାରତର ପ୍ରତିରକ୍ଷା ନେଟୱର୍କର ସ୍କୋରରେ ସୁଧାର ଆସିଛି । ଏହା ୧୮.୬ ଅଙ୍କ ସହ ୧୧ତମ ସ୍ଥାନରେ ପହଞ୍ଚି ପାରିଛି । ଦକ୍ଷିଣ-ପୂର୍ବ ଏସିଆ ଦେଶଗୁଡିକୁ ବ୍ରହ୍ମୋସ ମିସାଇଲ ବିକ୍ରି ଏବଂ କ୍ଷେତ୍ରୀୟ ପ୍ରତିରକ୍ଷା ସହଯୋଗ ବଢିବା ଦ୍ୱାରା ଭାରତକୁ ଏହି ସଫଳତା ମିଳିଛି । ସେହିପରି ବ୍ୟବସାୟିକ ସ୍ଥିରତା ଦୃଷ୍ଟିରୁ ଦେଖିଲେ, ଭାରତ ଦୁଇପାଦ ବଢି ୧୯.୯ ସ୍କୋର ସହ ୬ମ ସ୍ଥାନରେ ରହିଛି । ୨୦୨୬ରେ ଭାରତ ସେହି ୫ଦେଶ ସହ ସାମିଲ ହୋଇଥିଲା, ଯେଉଁ ଦେଶମାନଙ୍କର ବ୍ୟାବସାୟିକ ସ୍କୋର ହ୍ରାସ ପାଇ ନ ଥିଲା । ୨୦୨୫ର ଦ୍ୱିପାକ୍ଷିକ କାରବାର ତଥ୍ୟ ଅନୁଯାୟୀ, ଭାରତ ସହ ନେପାଳର ବାଣିଜ୍ୟିକ କାରବାର ୬୨.୩୦% ଥିବାବେଳେ ଶ୍ରୀଲଙ୍କାର ୧୮.୫୦%, ରୁଷର ୧୦.୯୦% ଏବଂ ବାଂଲାଦେଶର ୯.୮୦% କାରବାର ରହିଥିଲା । ଭାରତର ପ୍ରମୁଖ ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ ଚୀନ୍ (୧୪.୨%), ଆମେରିକା (୧୨.୬%), ୟୁରୋପୀୟ ସଂଘ (୧୧.୬%), ୟୁଏଇ (୮.୪%) ଏବଂ ରୁଷ (୫.୪%) ଅନ୍ତର୍ଭୁକ୍ତ ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା । ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ । ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି । ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ । ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାତି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦିରରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ ।



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ପ୍ରଳୟର ସମୟ ଆଉ ଅଧିକ ଦୂର ନୁହେଁ-୩

ତପସ୍ୱୀମାନଙ୍କର କଣ୍ଠରୁଦ୍ଧ ହୋଇଗଲା । ଯଦୁବଂଶ ନିପାତ ପରେ ଏକମାତ୍ର କୃଷ୍ଣ ଜିବୀତ ଥିଲେ, ଯିଏକି ଜରା ଶବର ତୀକ୍ଷ୍ଣ ବାଣରେ ମୃତ୍ୟୁ ବରଣ କଲେ । ଏହି ପୌରାଣିକ ଆଲୋଚନାକୁ ବିଶ୍ଳେଷିତ କରି ବହୁ ବିଦ୍ୱାନ ବିଭିନ୍ନ ପର୍ଯ୍ୟାୟରେ ବିଶ୍ୱର କୋଟି କୋଟି ପାଠକମାନଙ୍କ ସମ୍ମୁଖରେ ଅବତାରଣା କରି ନିରବଚ୍ଛିନ୍ନ ଭାବେ ଶିକ୍ଷାଦେଇ ଆସୁଛନ୍ତି ଯେ ମଣିଷ ଆଦ୍ୟ ସୋପାନରେ ଯେତେବେଳେ ପ୍ରାଥମିକ ପର୍ଯ୍ୟାୟରେ ମଦ୍ୟପାନ କରେ ସେତେବେଳେ ନଜର ସ୍ୱାଭିମାନକୁ ବିଲୋପ କରେ ନାହିଁ, କିନ୍ତୁ ସେହି ମଦ୍ୟପ ଜଣକ ଅତିକମ୍‌ରେ ଯେତେବେଳେ ଏଗାର ଜଣଙ୍କ ସାଥିରେ ବସି ମଦ୍ୟପାନ କରେ, ଆଉ ଏହି ଅଭ୍ୟାସଟି ଯେତେବେଳେ ଅନ୍ତତଃ ତିରିଶ ଦିନ ପର୍ଯ୍ୟନ୍ତ ଅଭ୍ୟସ୍ତରେ ଗତିଶୀଳ ହୁଏ । ତେବେ ସେ ମଦ୍ୟପ ଆଉ କୌଣସି ମତେ ସ୍ୱାଭାବିକ ଅବସ୍ଥାକୁ ଆସିପାରେ ନାହିଁ । ଏପରି ଅବସ୍ଥା ପ୍ରାୟ ନବେ ପ୍ରତିଶତ ମଣିଷଙ୍କ ଜୀବନରେ ଘଟିଛି । ଉପରୋକ୍ତ ପ୍ରସଙ୍ଗକୁ ଆଧାର କରି ଆମେ ଉଲ୍ଲେଖ କରିବାକୁ ଯାଉଛୁ ଭାରତ ବର୍ଷରେ ମଦ୍ୟପାନ କିପରି ମାନବ ସଭ୍ୟତାକୁ ଆଗେ ଶରୀର ବିକଟାଳ ଜ୍ୱାଳାମୂଖୀ ଗହ୍ୱର ମଧ୍ୟରେ ବିଲୋପ କରିବା ପାଇଁ ପ୍ରତି ମୁହୂର୍ତ୍ତରେ ଧାବମାନ ହେଉଛି ତାକୁ ଦେଖିଲେ ପାଠକବନ୍ଧୁମାନେ ଚେତନାହୀନ ଅବସ୍ଥାକୁ ଆସିଯିବେ। ଏ ଦେଶର ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ନୀତି, ନୈତିକତା, ଆଦର୍ଶ ଓ ଅହିଂସାର ଚେତନାକୁ ଆଧାର କରି ଯେତିକି ନେତା, ପ୍ରଭାବଶାଳୀ ବ୍ୟକ୍ତିମାନେ ଓ ବିଭିନ୍ନ ସାମାଜିକ ସଙ୍ଗଠନ ? ଆୟୋଜକମାନେ ଭାଷଣ ଦିଅନ୍ତି ଓ ତାଙ୍କର ନାମ ଅନୁସାରେ ବିଭିନ୍ନ ଅନୁଷ୍ଠାନ ଗଠନ କରି ଦେଶରେ ସନ୍ୟମାନଙ୍କୁ ଦମନ କରିବା ପାଇଁ ଉଦ୍‌ବୋଧନ ଦିଅନ୍ତି ଓ ପରବର୍ତ୍ତୀ ଅବସ୍ଥାରେ ମଦ୍ୟପାନକୁ ପ୍ରଚାର ପ୍ରସାର କରାଇବା ପାଇଁ ପରୋକ୍ଷରେ ଗୋପନୀୟତାର ସହ ଯେତିକି ଉଦ୍ୟମ କରନ୍ତି, ସମ୍ଭବତଃ ଏପରି ବିଶ୍ୱାସଘାତକତା କାର୍ଯ୍ୟ ଅନ୍ୟ କୌଣସି ରାଷ୍ଟ୍ରରେ ଦୃଷ୍ଟିଗୋଚର ହୁଏନାହିଁ। ଦେଶର ଲୋକଙ୍କୁ ବର୍ଷ ବର୍ଷ ଧରି ଦାରିଦ୍ର୍ୟ, ଅଜ୍ଞତା, ଅଶିକ୍ଷାର ବାତାବରଣ ସୃଷ୍ଟି କରାଇ ତାଙ୍କର ଉନ୍ନତି କଳ୍ପେ ଆସୁଥିବା ଅସୁମାରୀ ଅର୍ଥକୁ କିପରି ଏବଂ କେଉଁ ଉପାୟରେ ଲୁଣ୍ଠନ କରି ଆତ୍ମସାତ କରାଯାଇ ପାରିବ ତାହାର ଏକ ଆଧୁନିକ ନୀଳ ନକ୍‌ସାକୁ ଦେଶର କିଛି ନେତା, ପ୍ରଭାବଶାଳୀ ବ୍ୟକ୍ତିବିଶେଷମାନେ ଅତ୍ୟନ୍ତ ଗୋପନୀୟ ଭାବରେ ତିଆରି କରି ଚାଲୁଛନ୍ତି, ଯାହାକୁ ଦେଶର ନବେ ପ୍ରତିଶତ ମଣିଷ ବୁଝିବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ଯେଉଁପରି ଭାବରେ ସ୍ୱାଧୀନତା ପୂର୍ବରୁ ବ୍ରିଟିଶମାନେ ଏ ଦେଶକୁ ଲୁଣ୍ଠନ କରିବାର ଅବଲମ୍ବନ କରୁଥିଲେ, ଯେଉଁପରି ଭାବରେ ଏ ଦେଶର ଭାଇଚାରା ମଧ୍ୟରେ ବିଭେଦ ସୃଷ୍ଟିକରି ମାନବବାଦକୁ ଦଳିମକ୍‌ଚି ହତ୍ୟା କରୁଥିଲେ ଓ ସାଧାରଣ ମଣିଷମାନଙ୍କର ଜୀବନ ଜିବିକା ଓ ବଞ୍ଚିବାର ସମସ୍ତ ଉପାଦାନକୁ କୌଶଳକ୍ରମେ ଲୁଣ୍ଠନ କରି ଅଘୋଷିତ କ୍ରୀତଦାସ କରାଇବାର ଗୋଟାଏ ଅସଭ୍ୟ ସଂସ୍କୃତିକୁ ନୂତନ ଭାବରେ ବ୍ୟାପକଭାବେ ତମାମ ଭାରତବର୍ଷରେ ଜାହିର କରି ଲୋକଙ୍କୁ ଶୋଷଣ କରୁଥିଲେ। ଠିକ୍ ସେହିପରି ଏପରିକି ତାହାଠାରୁ ସହସ୍ର ଗୁଣରେ ଆଜିର ଅର୍ଦ୍ଧାଧିକ ନେତା, ପ୍ରଭାବଶାଳୀବ୍ୟକ୍ତି, ଉଚ୍ଚପଦାଧିକାରୀ ବା ସମ୍ଭ୍ରାନ୍ତ ପ୍ରଶାସକବର୍ଗ, ଶିଳ୍ପପତିମାନେ ଗୋଟାଏ ଅଦୃଶ୍ୟ ବିଶାଳ ସାମ୍ରାଜ୍ୟକୁ ଏପରିଭାବେ ତମାମ ଭାରତ ବର୍ଷରେ ନିର୍ମାଣ କରି ଦେଇଛନ୍ତିଯେ, ଯେଉଁଥିରୁ ମୁକ୍ତି ପାଇବା ପାଇଁ ଶହ ଶହ ବର୍ଷ ସଂଘର୍ଷ କଲେ ମଧ୍ୟ ଏଥିରୁ ମୁକ୍ତି ମିଳିବ ନାହିଁ। ଯିଏ ଥରେ ଏହି ସାମ୍ରାଜ୍ୟ ମଧ୍ୟରେ ଅନୁପ୍ରବେଶ କରିବ ତେବେ ତାହାର ପରିବାର,ସାମାଜିକ ସ୍ଥିତି, ସମୃଦ୍ଧ ଆଭିଜାତ୍ୟ ଧୀରେ ଧୀରେ ଲୋପ ପାଇ ଗୋଟାଏ ବିକଳାଙ୍ଗ ସଂସ୍କୃତିର ଜୟଗାନ କରିଚାଲିବ, ଏଥରେ ତିଳେ ମାତ୍ର ସନ୍ଦେହ ନାହିଁ। ଯାହାର ଉଦାହରଣ ସବୁଆଡେ ମାଳ ମାଳ ସଂଖ୍ୟାରେ ଭରପୁର ହୋଇଗଲାଣି। କ୍ରମଶଃ...



ଅମର ପ୍ରସାଦ ଶତପଥୀ
ପୂର୍ବତନ ମନ୍ତ୍ରୀ, ଓଡିଶା

ଅତୀତ ବର୍ତ୍ତମାନର ସେତୁବନ୍ଧ କଟକ ବାଲିଯାତ୍ରା

ଐତିହାସିକ ଓ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି କୁହାଯାଇପାରେ କଟକ ବାଲିଯାତ୍ରା ଷୋଡଶ ଶତାବ୍ଦୀ ଅର୍ଥାତ ଦୀର୍ଘ ବର୍ଷରୁ ଅନୁଷ୍ଠିତ ହେଉଅଛି । ଆକାର ଓ କଲେବର ଭିନ୍ନ ହୋଇପାରେ କିନ୍ତୁ ଯାତ୍ରା ହେଉଥିବା ଏକ ଧାରା ବାହିକ ପ୍ରକ୍ରିୟାରେ ପରିଣତ ହେଇଅଛି । ଆଜି ବାଲିଯାତ୍ରା ଉତ୍ସବ ଓଡିଶା ବା ଭାରତ ବର୍ଷ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ଓଡିଶା ନୌବାଣିଜ୍ୟ ଇତିହାସ ପରି ଆନ୍ତର୍ଜାତୀୟ ସ୍ତରରେ ବ୍ୟାପ୍ତ ହୋଇଅଛି । ଧାର୍ମିକ, ସାଂସ୍କୃତିକ ଓ ବାଣିଜ୍ୟିକ କାର୍ଯ୍ୟକ୍ରମର ତ୍ରିବେଣୀ ସଙ୍ଗମରେ ପରିଣତ ହେଇଅଛି । ନୌବାଣିଜ୍ୟ ଓଡିଶା ଅର୍ଥନୈତିକ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଜି ବି ଅଧିକ ଐତିହାସିକ ତଥ୍ୟ ଲୋକ କ୍ଷେତ୍ରକୁ ଆସିନାହିଁ । କେତେକ ତଥ୍ୟ ଅନୁଯାୟୀ ଖ୍ରୀଷ୍ଟପୂର୍ବ ୬୦୦ ବର୍ଷ ପୂର୍ବରୁ କଳିଙ୍ଗର ସାଧବ ପୁଅମାନେ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଆଦି ଦୀପପୁଞ୍ଜକୁ ସମୁଦ୍ର ପଥରେ ବିପଦସଂକୁଳ ନୌଯାତ୍ରା କରୁଥିଲେ । ଓଡିଶାରେ ପ୍ରସ୍ତୁତ ହେଉଥିବା ସୂକ୍ଷ୍ମ ବସ୍ତ୍ର, ମାଟି ପାତ୍ର ଓ ଏକାଧିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀମାନ ବୋଇତରେ ନେଇ ଏହି ସ୍ଥାନମାନଙ୍କରେ ବ୍ୟବସାୟ କରୁଥିଲେ। ଦକ୍ଷିଣ- ପୂର୍ବ ଏସିଆର ବିଭିନ୍ନ ଦେଶରେ ଏହି ସାମଗ୍ରୀ ଗୁଡିକର ବେଶ୍ ଚାହିଦା ଥିବାରୁ ଆଶା ଠାରୁ ଅଧିକ ଅଧିକ ମୂଲ୍ୟ ମିଳୁଥିଲା। କୌଣସି ସାମଗ୍ରୀ ପାଇଁ ବଜାର ସୃଷ୍ଟି କରିବା କଷ୍ଟ ସାଧ୍ୟ ହେଇଥିଲ ହେଁ କୁଶଳୀ କାରିଗରୀଙ୍କ ବ୍ୟବସାହିକ ନୈପୁଣ୍ୟତାରୁ ଏହା ସହଜ ଓ ସୁଲଭ ହେଇଥିଲା । ଓଡ଼ିଆଜାତି ସମାରିକ କଳାସଙ୍ଗରେ ବାଣିଜ୍ୟିକ ବୃତ୍ତି ରାଜ୍ୟର ଅର୍ଥନୈତିକକୁ ସମୃଦ୍ଧ କରିପାରୁଥିଲା। ବିଶେଷ କରି ସମୁଦ୍ରରେ ବୋଇତ ଯାତ୍ରା ଦୁରୂହ ଓ ପ୍ରତିବନ୍ଧକ ଯୁକ୍ତ ହେଇଥିଲେ ହେଁ ସାଧବ ପୁଅମାନଙ୍କ ଦୁଃସାହାସିକତା ଆମ ଗାରିମାମୟ ଇତିହାସର କୀର୍ତ୍ତିସ୍ତମ୍ଭ। ସେଥିପାଇଁ 'କଳିଙ୍ଗ ସାହାସିକାଃ'କଥା ବାର ବାର କୁହାଯାଇଥାଏ । ଦେଶ ବାହାରରେ କଳିଙ୍ଗ ସାମଗ୍ରୀ ଗୁଡିକର ଆବୃତ୍ତି ଏହି କ୍ଷେତ୍ରରେ ଅନ୍ୟ ଦେଶର ପ୍ରତିଯୋଗୀ ମାନଙ୍କୁ ନିରାଶ ହେବାକୁ ପଡୁଥିଲା। ଏହା ସାଧବ ପୁଅମାନଙ୍କୁ ଏକ ସ୍ୱତନ୍ତ୍ର ପରିଚିତି ଆଣିଦେଇଥିଲା। ବାଣିଜିକ ଦେଶ ମାନଙ୍କରେ ପ୍ରସ୍ତୁତ ସାମଗ୍ରୀ ଗୁଡିକକୁ କମ ମୂଲ୍ୟରେ ଆଣୁଥିବାରୁ ରାଜ୍ୟ ଅର୍ଥନୈତିକ ସମୃଦ୍ଧି ହେଇପାରୁଥିଲା ଏ ସମ୍ବନ୍ଧରେ ଅଧିକ ଅଧ୍ୟୟନ ଓ ଗବେଷଣା କରାଗଲେ ଓଡିଶା ଇତିହାସର ଏକାଧିକ ଅନାଲୋଚିତ ତଥ୍ୟ ଦୃଷ୍ଟିକୁ ଆସିବ। କଟକ ପ୍ରସିଦ୍ଧ ଦହିବରା ଆଲୁଦମ, ଠୁଙ୍ଗା ପୁରୀ, ଛେନା ତରକାରୀ ଖାଦ୍ୟର ମଜା ଅଧିକ ଲୋକ ମାନଙ୍କୁ ଆକର୍ଷିତ କରିଥାଏ। ବିଭିନ୍ନ ସାମଗ୍ରୀର ବେପାର ବଣିଜ ପାଇଁ ଉତ୍କୃଷ୍ଟ କ୍ଷେତ୍ର ମିଳିଥାଏ। ସଂସ୍କୃତିକ କାର୍ଯ୍ୟକ୍ରମ ଆମୋଦ ଦାୟକ ହେଇଥାଏ। ଭିନ୍ନ ଭିନ୍ନ ଦୃଷ୍ଟିରୁ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ଦିବସକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ପ୍ରତି ବର୍ଷ ଆସିଥାଏ । ଏହାହିଁ ବାଲିଯାତ୍ରା। ଉତ୍ସବ ଆୟୋଜନ ସଫଳତାର ମାପକାଠି । ଓଡିଶାର ପୂର୍ବ ରାଜଧାନୀ ସହସ୍ର ବର୍ଷର କଟକ ନଗର ମହାନଦୀ କୂଳରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା। ଏକ ଜାତୀୟ ମହୋତ୍ସବରେ ପରିଣତ ହେଇଛି। ଏ ଉତ୍ସବ ପାଳନ ବିଭିନ୍ନ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ପୂର୍ଣ୍ଣ। ଓଡ଼ିଆମାନଙ୍କ ଦ୍ୱାରା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମୀରେ ବୋଇତର ନଦ ନଦୀ ମାନଙ୍କରେ ପୂଜା ଅର୍ଚନା କରାଯାଇଥାଏ। ଏପରିକି ସମୁଦ୍ରରେ ମଧ୍ୟ ଡଙ୍ଗା ଭସା ପର୍ବ ଅନୁଷ୍ଠିତ ହେଉଅଛି। ଓଡିଶାର ବାଣିଜିକ ବିକାଶର ଦ୍ୱାର ହେଇଥିବା ପାରାଦ୍ୱୀପ ବନ୍ଦର ସ୍ୱତନ୍ତ୍ରତା ରହିଅଛି । ଭାରତ ବର୍ଷରେ ନୌବାଣିଜ୍ୟ ପାଇଁ ବ୍ୟବହୃତ ସ୍ୱୀକୃତି ପ୍ରାପ୍ତ ବନ୍ଦର ଗୁଡିକ ବହୁ ପୂର୍ବରୁ ଓଡିଶା ନୌଯାତ୍ରା। ପଥପ୍ରଦର୍ଶକ ହେଇଥିଲା । ଏହା ବୋଇତ ବନ୍ଦାଣ ଲୋକ ପ୍ରିୟ ହୋଇ ଗଣପର୍ବ ଭାବେ ପାଳିତ ହେଉଅଛି। ଡ଼ଙ୍ଗା ଭସା ସାଂକେତିକ ଉତ୍ସବ ହେଇଥିଲେ ହେଁ ଏହା ଆମ ଧାର୍ମିକ ସାଂସ୍କୃତିକ ବାଣିଜିକ ଗାଥାର ବାହକ। ଆମ ଇତିହାସ ଏତେ ଗାରିମା ମୟ ଓ ସମୃଦ୍ଧ ଏହା ତାହାର ଅକାଟ୍ୟ ପ୍ରମାଣ। ଓଡିଶାର ଅତୀତସ୍ମୃତିକୁ ଉଜ୍ଜୀବିତ କରିବା ସହ ବର୍ତ୍ତମାନକୁ ଯୋଡିବା ପାଇଁ ଅଭିଯାନର ସେତୁ ବନ୍ଧ ହେଉଛି କଟକ ବାଲିଯାତ୍ରା। ଓଡିଶା ଇତିହାସ, ସାଂସ୍କୃତିକ ଓ ଅର୍ଥନୈତିକ ସମୃଦ୍ଧିର ବାର୍ତ୍ତା ଦୁନିଆ ସମ୍ମୁଖରେ ସଗର୍ବେ ଉପସ୍ଥାପନ କରୁଅଛି। ଏହା ପ୍ରତିଟି ଓଡ଼ିଆ ପ୍ରାଣରେ ଅପୁରନ୍ତ ଶକ୍ତି, ସାମର୍ଥ୍ୟ ଓ ଆତ୍ମ ବିଶ୍ୱାସ ସଂଚାର କରୁଅଛି। ବାଲିଯାତ୍ରା ମହୋତ୍ସବ ଓଡ଼ିଆ ଅସ୍ମିତାର ଉଡ଼ିୟମାନ ହେଇଅଛି।



ଲକ୍ଷ୍ମୀଧର ପ୍ରଧାନ
ଅଧ୍ୟାପକ, ରାଜନୀତି ବିଜ୍ଞାନ
ବିଜୁ ପଟ୍ଟନାୟକ କନିଷ୍ଠ
ମହାବିଦ୍ୟାଳୟ
ଆଶ୍ରମପାଟଣା, ଜଗତସିଂହପୁର
ମୋ : ୮୯୧୭୫୮୨୬୪୭

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା : ବାଲିଯାତ୍ରା

ଓଡ଼ିଶା ହେଉଛି ଏକ ଗୌରବମୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ରାଜ୍ୟ। ଏହାର ଇତିହାସରେ ସାମୁଦ୍ରିକ ବାଣିଜ୍ୟ ଓ ନୌବାଣିଜ୍ୟ ପରମ୍ପରାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରାଚୀନ କାଳରେ ଓଡ଼ିଶାର ସାଧବ ପୁଅମାନେ ବିଶାଳ ସମୁଦ୍ର ପଥରେ ବୋଇତ ଯୋଗେ ଶ୍ରୀଲଙ୍କା, ଜାଭା, ସୁମାତ୍ରା ବାଲି ଓ ଅନ୍ୟାନ୍ୟ ଦେଶକୁ ଯାଇ ବାଣିଜ୍ୟ କରୁଥିଲେ । ସେମାନେ ଓଡ଼ିଶାର ମସଲା, ହସ୍ତଶିଳ୍ପ, ବସ୍ତ୍ର ଓ ବିଭିନ୍ନ ସାମଗ୍ରୀ ବିଦେଶକୁ ନେଇ ବିକ୍ରୟ କରିବା ସହ ସେଠାରୁ ଅନ୍ୟାନ୍ୟ ସାମଗ୍ରୀ ଆଣୁଥିଲେ । ଏହି ଗୌରବମୟ ସାମୁଦ୍ରିକ ଯାତ୍ରାର ସ୍ମୃତି ବହନ କରେ ଆମ ପାରମ୍ପରିକ ପର୍ବ ବୋଇତ ବନ୍ଦାଣ ବା ବାଲିଯାତ୍ରା । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ନଦୀ, ପୋଖରୀ ଓ ଜଳାଶୟରେ କଦଳୀ ପଟୁଆ ଓ ସୋଲରେ ନିର୍ମିତ ଛୋଟ ଡଙ୍ଗା ଭସାଇ ଆମେ ଆମର ପୂର୍ବ ପୁରୁଷଙ୍କ ସାହସ, ଉଦ୍ୟମ ଓ ବାଣିଜ୍ୟିକ ଦକ୍ଷତାକୁ ସ୍ମରଣ କରିଥାଉ। ଏହି ପର୍ବ କେବଳ ଏକ ଧାର୍ମିକ ବା ସାଂସ୍କୃତିକ ଉତ୍ସବ ନୁହେଁ, ବରଂ ଏହା ଓଡ଼ିଶାର ଗୌରବ ମୟ ଇତିହାସ, ସାମୁଦ୍ରିକ ପରମ୍ପରା ଓ ଅସ୍ମିତାର ଏକ ଜୀବନ୍ତ ପ୍ରତୀକ । ଏହି ପରମ୍ପରା ଆମକୁ ଆମର ଗୌରବ ମୟ ଅତୀତକୁ ମନେ ପକାଇବା ସହ ଭବିଷ୍ୟତ ପିଢ଼ିକୁ ନିଜ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇଥାଏ ।

ଓଡ଼ିଶା ବିଗତ ଦିନରେ ଉତ୍ତ, କଳିଙ୍ଗ, କୋଶଳ, କଙ୍ଗୋଦ ଓ ଉତ୍କଳ ଆଦି ନାମରେ ନିଜର ପରିଚୟ ସୃଷ୍ଟି କରିଥିଲା । ଚାରୁକଳାର ସୁଶୋଭିତ ପ୍ରାଚୀନ ଉତ୍କଳ ଏକ ବୈଭବଶାଳୀ ଓ ସମୃଦ୍ଧଶାଳୀ ପ୍ରାନ୍ତ ରୂପେ ପରିଗଣିତ ହେଉଥିଲା। ସୁବିସ୍ତୃତ ବେଳାଭୂମି, ବଣ ପାହାଡ, ନଦନଦୀ, ଶସ୍ୟ ଶ୍ୟାମଳଓପୂର୍ଣ୍ଣ ସବୁଜ କ୍ଷେତ, ଅନେକ ଦୁର୍ମୂଲ୍ୟ ଖଣିଜ ରତ୍ନରେ ପରିପୂର୍ଣ୍ଣ ଓଡ଼ିଶା, ଭାରତ ମାଆର ମଣି ସଦୃଶ । ଗର୍

କବିତାୟନ

32 YEARS
ସମ୍ବାଦ କଳିକା

ପୃଷ୍ଠା ୫

ଭୁବନେଶ୍ୱର, ୨୭ ନଭେମ୍ବର ୨୦୨୬ ଶୁକ୍ରବାର

।। ପଡୋଶୀ ।।

ପଚାରନା ତାକୁ
ସୂର୍ଯ୍ୟ ଉଦୟ ସୂର୍ଯ୍ୟ ଅସ୍ତ କଥା
ତା'ର ଅଛି ନିଜସ୍ୱ ଏକ ରାସ୍ତା ।

ଆକାଶରେ ସିନ୍ଦୂରା ଫାଟିଲେ
ଘରକୁ ଘର ବୁଲି
ଆଙ୍କୁଡ଼ିରେ ଲୁଚିଛପି
ଫୁଲ ତୋଳେ ସେ
ନିଜ ଈଶ୍ୱରଙ୍କ ପୂଜା ଆରାଧନା କରେ
ବାହାରେ ଈଶ୍ୱର
ଯନ୍ତ୍ରଣାରେ ଥରୁଥାଆନ୍ତି ୧୦୪ ଡିଗ୍ରୀ ଜ୍ୱରରେ ।

କେହି କେବେ ଦେଖି ନାହାନ୍ତି
ତା ଆଖିର ତରଳ ଲୁହ
ଗାଆଁ ନଈ ପରି,
ଯୁଦ୍ଧରେ ଜୀଇଁଥାଏ
ନିଜଭିତରେ କାମନାର ଘୂର୍ଣ୍ଣିବାତ୍ୟା
ଖେଳୁଥାଏ ଭଉଁରୀ,
ଗୋଟିଏ ଚିରାଫଟା ଅର୍ଦ୍ଧ ଲଙ୍ଗୁଳି ଝିଅଟେ
ଗୋଟାଉ ଥାଏ ବାହାରେ
କେତେ କେତେ ଆବର୍ଜନାର ଜରି ।

ତା ପାପୁଲି ରେଖାରେ
ଖେଳୁଥାନ୍ତି ପାପର ସ୍ୱପ୍ନ ମାନେ
ସମୁଦ୍ରର ଶାଙ୍କୁଚ ଯେମିତି ଅଶାନ୍ତ,
ନିଅନ ଆଲୋକର ସହର ଯେମିତି
କୋଳାହଳ କମ୍ପିତ ।

ଢେର ଦୂରକୁ ଚାଲି ଯାଏ ସେ
ସବୁ ଛାତି ଏକତ୍ରୀତ ହେଲେ
ଟୋପା ଟୋପା ପ୍ରେମର ବର୍ଷା
ମୋତି ହୋଇ ଝରିଲେ ।

ଅନ୍ତରଗଂତାର ଭିକ୍ଷାଝୁଲି ପଡୋଶୀ
ଏବେ ତ
ଅନ୍ତର ଅନ୍ତର
ଘୁମନ୍ତ ଘୃଣାର ଜହର ପାତ୍ର
ପୈଶାଚିକ ଅମାରାତି ।

ମଧ୍ୟାହ୍ନର ତାତିରେ ସେ
ଏବେ ଉନ୍ମାଦ,
ହାତରେ ଲୁଟିନେବାର ହତିଆର,
ହୃଦ ମନ୍ଦିରରେ
ଅହମିକାର ଫୁତ୍କାର,
ପଡୋଶୀ କଣ ଏବେ
ପୁଣ୍ୟ କାର୍ତ୍ତିକର କୋଟି ଦୀପ ଅଭିସାର ?

ଯେ ନିଜସ୍ୱ ମାନଚିତ୍ରର
ରାଜାଧିରାଜ,
ତାକୁ କିଏ କରି ପାରିବ ଯେ
ସଜବାଜ ?
ଘନେଇ ଘନେଇ ଲମ୍ବୁଛି
ପଡୋଶୀର କଳା ମଗଜ ।

ସୁଜିତ କୁମାର ମିଶ୍ର



ପଡୋଶୀ ଓଠର ହସରେ
ଫୁଲ ଓ ଫଗୁଣ କାହିଁ,
ଯିଏ ଦିନେ ଥିଲା
ବ୍ୟାକୁଳ ଓଦାପଣର
ସୁଦୀର୍ଘ ବେଳାଭୂଇଁ ।

ପଡୋଶୀ ବି ତିଆରେ ମନ୍ଦିର
ପଡୋଶୀ ବି ତିଆରେ ମସଜିଦ
ପଡୋଶୀ ବି ତିଆରେ ଗୀର୍ଜା
ପଡୋଶୀ ସୁନାର ଇତିହାସ
ଲେଖୁଥିବା
ଜାତିର
ଜୀଇଁବାର ପ୍ରେମ ଧ୍ୱଜା ।

ସତ୍ୟ ଓ ଅହିଂସାର
ଶଂଙ୍ଖଧ୍ୱନିରେ ଚମକେ ପଡୋଶୀ
ପଡୋଶୀ ତିଆରି କରେ ପଡୋଶୀ
ନାହିଁ ନାହିଁର ସଂସାରରେ
ଝଲସେ ଚନ୍ଦ୍ରାଲୋକ ବେଶି ବେଶି ।

ଆସ ପଡୋଶୀଟିଏ ହେବା
ଜନ୍ଦା ପିମ୍ପୁଡିର ଧାଡି ହୋଇ
ଆଖି କୋଣରେ
ସମ୍ବେଦନାର କୋହକୁ ଜକେଇ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

ଦିବ୍ୟ ପ୍ରେମ

ଡାକ୍ତର ଅଶୋକ କୁମାର ମହାନ୍ତି

ତୁମ ପ୍ରତି ମୋର ପ୍ରେମ, ଏକ ଅସୀମ ସମୁଦ୍ର, ଏକ ନିରନ୍ତର ଜୁଆର,
ତୁମ ପ୍ରେମରେ ହଜିଯାଏ, ଦିନ ରାତି ମୋର । (୧)
ତୁମେ ମୋ ହୃଦୟର ସର୍ବସ୍ୱ, ମୋ ଆତ୍ମାର ଆଲୋକ
ମୋ ହୃଦୟର ଭକ୍ତି, ମୋ ଜୀବନର ସାର୍ଥକ । (୨)
କାମନା ସୀମିତ, କ୍ଷିପ୍ର, ଶାରୀରିକ, କାମୁକ, ସ୍ୱାର୍ଥପର
ପ୍ରେମ ଅସୀମ, ଆଧ୍ୟାତ୍ମିକ, ଆଦର୍ଶ, ଅମର ନିଃସ୍ୱାର୍ଥପର । (୩)
ହୋଇପାରେ ସାଂସାରିକ ପ୍ରେମ ଅଗାଢ ସମୁଦ୍ର ପରି
କିନ୍ତୁ ଦିବ୍ୟ ପ୍ରେମ ଅଟେ ଅନନ୍ତ ଅସୀମ ଆକାଶ ପରି । (୪)
ପ୍ରେମ କ୍ଷଣସ୍ଥାୟୀ, ଯଦି ନୁହେଁ ଏହା ଦିବ୍ୟ ପ୍ରେମ
ଦିବ୍ୟ ତଥା ଆନନ୍ଦମୟ ଅଟଇ ପ୍ରକୃତ ପ୍ରେମ (୫)
ଦିବ୍ୟ ପ୍ରେମ, ଏକ ପବିତ୍ର ଫୁଲ, ଯାହା ତିଆରି ସମସ୍ତ ପବିତ୍ର ପ୍ରେମରୁ,
ସେହି ଶକ୍ତି ଯାହା ରଚିଛି ବ୍ରହ୍ମାଣ୍ଡ, ଦିବ୍ୟ ସୌନ୍ଦର୍ଯ୍ୟରେ ଦିବ୍ୟ ଶାନ୍ତି
ସଭିଙ୍କୁ ନ ବିଚାରି ଭଲ ପାଅ, ପାଉ ଥିବ ସଦା ଶାନ୍ତି । (୬)
ମୁଁ ତୁମ ଭିତରେ ଓ ତୁମେ ମୋ ଭିତରେ, ଦିବ୍ୟ ପ୍ରେମରେ ପାରସ୍ପରିକ,
ଯାହା ସର୍ବବ୍ୟାପୀ, ସୂର୍ଯ୍ୟୋଦୟ ପରି ସୁନ୍ଦର ତଥା ତାରା ପରି ପ୍ରାଚୀନ
ଅଟେ ଅନନ୍ତ, ସୀମାହୀନ, ସର୍ତ୍ତହୀନ, ପରିବର୍ତ୍ତନହୀନ । (୭)
ଦିବ୍ୟ ପ୍ରେମ ଅଟେ ବ୍ରହ୍ମାଣ୍ଡର ଉତ୍କୃଷ୍ଟ ମାଲିକ
କରିଥାଏ ଆମ ହୃଦୟକୁ ପବିତ୍ର ଆଉ ଅସ୍ତିତ୍ୱକୁ ଗୌରବାନ୍ୱିତ,
ଅଟେ ସେ ସବୁ ସମସ୍ୟାର ସମାଧାନ
ଯାହା ଆମକୁ କରିଥାଏ ସମସ୍ତ ବନ୍ଧନରୁ ମୁକ୍ତ । (୮)



ଜନାର୍ଦ୍ଦନପୁର ଶାସନ
୭୬୮୩୮୬୭୭୪୨
କେନ୍ଦୁଝର

କେବଳ ତୁମେ

ଡଃ ସଫଳା ଦାସ

ତବ ଜନ୍ମଦିନେ ଉପହାର ବାବା
କିବା ଦେବି ଛାମୁରେ
ହୃଦୟରେ ଯିଏ ସଦା ବିଦ୍ୟ ମାନ
ନିମିତ୍ତ ମୁଁ ତାଙ୍କ ହାତରେ ,।

ସବୁତ ତୁମର ସୃଷ୍ଟିର ସମ୍ଭାର
ମିଛେ ମୋର ତୋର କହି
ଆବୁରି ବସିଛି ଆପଣାର କରି
ତୁମରି ତୁମକୁ ଦେଇ ।

ତୁମେ ସିନା ସାଇ ଅବତାର ନେଲ
ପ୍ରେମର ପସରା ଧରି
ମାନବ ଜୀବନ ଅମୂଲ୍ୟ ସମ୍ପଦ
ବିଭୁ ନାମ ଯାଅ ସ୍ମରି ।

ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ସତ୍ୟ
ଅହିଂସାର
ପଥରେ ଆଗେଇ ନେଇ
ମାତୃଭୂମି ମାତୃ ଭାଷା ଭୁଲ ନାହିଁ
ସେବା କର ସର୍ବେ ଯାଇ ।

ମାନବ ସେବା ହିଁ ମାଧବ ସେବା
ସେବା ପୁଷ୍ପ ମହକରେ
ପ୍ରେମ ଭରି ଦିଅ ସବୁରି ହୃଦୟେ
ଦିବ୍ୟ କର୍ମ କର ହସ୍ତରେ ।



ବାଳ ବିକାଶ ଗୁରୁ
କଟକ
ଫୋନ ୮୯୧୭୪୬୫୩୬୭

ପୂର୍ଣ୍ଣ କାର୍ତ୍ତିକ

ଡ.ଚନ୍ଦ୍ରକଳା ନାୟକ

ଶ୍ରେଷ୍ଠତମ ଗାଥା କାର୍ତ୍ତିକ ମହାତ୍ମ୍ୟ
ବର୍ଣ୍ଣିତ ସ୍କନ୍ଦ ପୁରାଣେ
ବିଷ୍ଣୁ ପାଦେ ସଦା ଭକ୍ତି ରଖିଥାନ୍ତି
ଜଗତ ସାରାର ଜନେ ।

ବାଲୁକା ସ୍ଥାପନେ ଚଉଁରା ମୂଳଟି
ଦିଶୁଥାଏ ମନୋହର
ତିନି ଠାକୁରଙ୍କ ମୂର୍ତ୍ତିରେ ଶୋଭିତ
ପ୍ରଭୁ ନିଜେ ଦାମୋଦର ।

ବୃକ୍ଷ ମଧ୍ୟେ ଶ୍ରେଷ୍ଠ ଅଂଳା, ତୁଳସୀ
ପୂଜା ପାଉଥାନ୍ତି ନୀତି
ଗୀତାପାଠ ପୁଣି କାର୍ତ୍ତିକ ମହାତ୍ମ୍ୟ
ଚାଲିଥାଏ ଦିନରାତି ।

ଝାଞ୍ଜ ମୃଦଙ୍ଗରେ କୃଷ୍ଣ ନାମ ରସ
ଭାଗବତ ପ୍ରବଚନ
ଚାରିଦେଗେ କମ୍ପେ ଗଗନେ ପବନେ
ଶୁଣିହୁଏ ତୋଷମନ ।

ରାସ ପୂର୍ଣ୍ଣିମାରେ କି ରାସ ଲୀଳାସେ
କୃଷ୍ଣେ ପ୍ରେମେ ସବୁ ବାଇ
ପରିବାର କଥା ସବୁ ମନୁ ଭୁଲି
ଏକତ୍ର ହୁଅନ୍ତି ଯାଇ ।

ଶ୍ରେଷ୍ଠ ମାସ ଏଇ କାର୍ତ୍ତିକ ଯେ ସାର
ପାନ ଗୁଆ ଥୋଇ ଦେଇ
ଆ କା ମା ବୈ ଧରମ ଡଙ୍ଗାରେ
ପାପ ସବୁ ଯାଏ ଧୋଇ ।

କାର୍ତ୍ତିକ ମାସ ଯେ ଧରମର ମାସ
ପୂର୍ଣ୍ଣ୍ୟର ଅଟେ ପ୍ରତୀକ
ବରଷକେ ଥରଟିଏ ଆସି
ସ୍ୱପ୍ନକୁ କରେ ସାର୍ଥକ ।

ଓଡିଶାର ସବୁ ଗୌରବକୁ ବାହି
ଧରମରେ ତୁ ଆସୁଥା
ଅତୀତର ସେହି ଅଭୁଲା ସ୍ମୃତିକୁ
ମନେ ଭରିଦେଇ ଯାଆ ।



ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ନିଶା ସେବନ ନିଏ ଜୀବନ

ଅନନ୍ତ କୁମାର



ପାନ ବିଡି ସିଗାରେଟ
କରି ଦିଏ ଜୀବନକୁ ନଷ୍ଟ
ମଦ ଗଞ୍ଜେଇ ଚରସ
ମଣିଷକୁ କରେ ପଥ ଭ୍ରଷ୍ଟ,

ଭଲ ଶରୀରକୁ କରେ ଖରାପ
କଲେ ନିଶା ସେବନ
ରୋଗ ବ୍ୟାଧି ଘରକୁ ଡାକି ଡାକି
ନିଏ ପୁଣି ଜୀବନ,

ଛୋଟ ଛୋଟ ନିଶା
ଦିନେ ହୁଏ ବଡ ପେଶା
ଭୁଲି ହୁଏ ନାହିଁ
କେତେ ଯାଏ ଯେ ପଇସା,

ଭାଙ୍ଗି ଦିଏ ଘର ସଂସାର
ନିଜରକୁ କରେ ପର
ବିକି ଭାଙ୍ଗି ଖାଏ ପୁଣି
ହୁଏ ସବୁ ଛାର ଖାର,

କେତେ ରୋଗ କେତେ ବିପଦ
ଆସେ ଏହି ନିଶା ପାଖରୁ
କେତେ ହିଂସା ବାଦ ବିବାଦ
ଉପୁଜେ ମଣିଷ ପାଖରୁ

ଭାଙ୍ଗି ଦିଏ କାହା ଶଙ୍ଖା
ଭାଙ୍ଗି ଦିଏ ପୁଣି କାହା ଘର
ଉଜାଡି ଦିଏ ଭଲ ସଂସାର
କରେ ପୁଣି କାହାକୁ ସାତ ପର,

ଆସରେ ଆସ ଭାଇ
ମିଳି ମିଶି ନେବା ଶପଥ
ସମୟ ଥାଉଁ ଥାଉଁ
ନିଶାରୁ ହେବା ଆମେ ମୁକ୍ତ

ସଙ୍ଗଠନ ସମ୍ପାଦକ,
ଜାତୀୟ କବି ଲେଖକ ସଂଗଠନ

ଚରିତ୍ର

ବିନୟ କୁମାର ମିଶ୍ର

ନଈ ପାଣି ସିନା ନଈକି ଗଲା ଲୋ
ମୋ ସିଲଟ ଶୁଖିଗଲା,
ଆଖି ଲୁହ ମୋର ଆଖିରେ ମରିଲା
ଓଠ ତ ଶୁଖିଲା ହେଲା ।

ମରୁ ମରୁ ବଞ୍ଚି କି ଲାଭ ହୃଦୟ
ଖେଳୁଛି ଡ଼ାଳ ମାଙ୍କୁଡ଼ି,
ଲୋକେ କହୁଥାନ୍ତି ଦର ବାଇଆଟେ
ହୃଦୟ ଦିଅନ୍ତି ଫାଡି ।

ଓଠରେ ଅମୃତ ହସ ରଖି ମନେ
ବିଷର ଅନଳ ଜାଳି,
ବିଚିତ୍ର ଦୁନିଆ ବିଚିତ୍ର ମଣିଷ
ଚରିତ୍ର ଭଳିକି ଭଳି ।

କାହା ଭାବନାରେ ସଂସାର ଚଳେନି
କର୍ମ ଅନୁଯାୟୀ ଫଳ,
ରାଜା ଦିନେ ହୁଏ ଭିକାରିଠୁ ହୀନ
ଦେଖିକି ସଂସାରେ ଚଳ ।



ମଲ୍ଲୀପୁର
ନିଆଳ, ଖୋର୍ଦ୍ଧା

ବାଣୀବିହାରର ପ୍ରେମ

ଡ. ଦୀପକ କୁମାର ମିଶ୍ର

ଉତ୍ତୁଙ୍ଗ ଉତ୍ତାଳ ଢେଉ ଢଳଢ଼ଳ ଢେର ସାରା ପାରଦ ପୀୟୂଷ
ଚଙ୍ଗଚଙ୍ଗ ଚକ୍ରବାକ, କୃଷ୍ଣଚୂଡ଼ା, ଆମ୍ରକୁଞ୍ଜ ପ୍ରେମରେ ଅଧୀର
ଅଲିଭା ଆଶ୍ୱାସନାର ଗାର ଝାପ୍ସା ଦିଶେ, ସଞ୍ଜ ହୁଏ ଶେଷ
ତୃଷାର୍ତ୍ତ ପ୍ରେମିକ ମୁଁ ଫେରିଆସେ ହୃଦ ନେଇ ସତୀଚଉରାର ।

ଋତୁସ୍ନାତା ପ୍ରେମିକା ମୋ ଡୁଙ୍ଗୁଥାଏ ଜୁଡୁବୁଡୁ ଆଶ୍ୱିନ ଝର୍କାରେ
ମନରେ ହଁ-ନାଁ, ଦ୍ୱନ୍ଦ୍ୱସିକ୍ତ ହୃଦୟରେ ରଙ୍ଗହୀନ ଇନ୍ଦ୍ରଧନୁ ଫୁଟେ
ସ୍ୱୀକୃତି ସ୍ୱାଦିଷ୍ଟ ପୁଣି ଅନାଦେୟେ ବିପରୀତ ଭାଗ୍ୟକୁ ଉଖାରେ
କି ଭଲା ପ୍ରେମ ଇଏ ବାଣୀବିହାର, ଆଜି ବି ତ ତୁମକୁ ମୁଁ ଖୁଣ୍ଟେ ।

ଚୂଡ଼ା ମୁଢ଼ି ପାଉଁରୁଟି, ପାଣିପିଆ ଢୋକ ଢୋକ ବିବର୍ଣ୍ଣ ନିଶୀଥ
ନିର୍ଜନ ପାହାନ୍ତି ବେଳା ନିର୍ଯାତିତ ଦୁଃସ୍ୱପ୍ନର ବିକଳ ଚିତ୍କାର
ଝାଡ଼ିଝୁଡ଼ି ଭଙ୍ଗାରେଜା ମୁଣି ସହ ଇସ୍ତ୍ରୀକରା ଦେହ ଅସ୍ତବ୍ୟସ୍ତ
ପାଣିଟାଙ୍କି ମୃଦୁ ହସି ଚାହୁଁଥାଏ ପ୍ରେୟସୀର ଅଥୟ ବେଭାର ।

ଯଦିଓ ପ୍ରେମ ଏଠି ମରୀଚିକା, ମରୁବାଲି ଦଗ୍ଧୀଭୂତ ପାଦ
ଝାଉଁବଣ ଛାଇ ସମ ପ୍ରେମିକା ମୋ ଖଣ୍ଡିକାଶ ପ୍ରୀତି ଉପପାଦ୍ୟ ।







ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

ହସ ଆଢୁଆଳେ କେତେ ଯେ କାନ୍ଦଣା

ହରିଶ୍ଚନ୍ଦ୍ର ବେହେରା



ହସ ଆଢୁଆଳେ କେତେ ଯେ କାନ୍ଦଣା
କିଏ ଅବା ଦେଖି ପାରେ
ପର ଝାଡ଼ି ଉଡ଼ି ଯାଏ ଗେଣ୍ଡାଳିଆ
ଦୂର କେଉଁ ନଈ ଧାରେ ।।

ଆ 'ରେ ଆ' ମୋ ଭଦ ଭଦଳିଆ
କେବେ ଠୁ ଦେଖିନି ତୋତେ
ଶୁଭ ହୁଏ ବୋଲି ମା ' କହିଥିଲା
ଥରେ ତୁ ଦେଖିଯା ' ମୋତେ
କେଉଁଠି ହଜିଲା ପିଲା ଦିନ ମୋର
ଏବେ ଖାଲି ଲୁହ ଝରେ ।।

ତୁ କହିଦେ ଥରେ ଏବେବି ମୋତେ
ଭଲ ପାଉଅଛୁ ବୋଲି
ଯାହାବି ମାଗିବୁ କରିବିନି ମନା
ଦେବି ଅନ୍ତର ଖୋଲି
କେଉଁଠି ହଜିଲା ସପନପୁରୀ ମୋ
ସାତ ଦରିଆ ସେପାରେ ।।



କଲ୍ୟାଣ ନଗର,
ବାଲେଶ୍ୱର -୧

32 YEARS
ସମୟ କଣ୍ଠିକା
ଭୁବନେଶ୍ୱର, ୨୭ ନଭେମ୍ବର, ଶୁକ୍ରବାର, ୨୦୨୬
ପୃଷ୍ଠା – ୬

ପ୍ରିୟାଂଶଙ୍କ ଦମ୍‌ଦାର ଅର୍ଦ୍ଧଶତକ : ୮ ୱିକେଟରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ



ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟ୍ରଫି ୨୦୨୬। ପ୍ରିୟାଂଶ ଆର୍ଯ୍ୟଙ୍କ ଦମ୍‌ଦାର ବ୍ୟାଟିଂ। ଦମ୍‌ଦାର ଅର୍ଦ୍ଧଶତକ ବଳରେ ଜିତିଲା ଦିଲ୍ଲୀ। ରେଲୱେକୁ ୮ ୱିକେଟରେ ପରାସ୍ତ କରିଛି। ରେଳବାଇ ବିପକ୍ଷରେ, ଦିଲ୍ଲୀର ଅଧିନାୟକ ଏବଂ ଓପନର ପ୍ରିୟାଂଶ ଆର୍ଯ୍ୟ ଦଳକୁ ବିଜୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ୧୨୭ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଦିଲ୍ଲୀ ୨ ୱିକେଟ୍ ହରାଇ ୧୧.୧ ଓଭରରେ ଏହାକୁ ଜିତି ନେଇଛି। ତାଙ୍କ ସହ ଦଳ ପକ୍ଷରୁ ତେଜସ୍ୱୀ ଦହିଆ ୪୪ ରନର ବିସ୍ଫୋର ପାଳି ଖେଳିଛନ୍ତି। ତେବେ ପ୍ରିୟାଂଶ ୩୦ ବଳରୁ ୫୬ ରନ କରିଥିବାବେଳେ ସେ ପ୍ଲେୟାର ଅଫ୍ ଦ ମ୍ୟାଚ୍ ହୋଇଛନ୍ତି।

ରେଳବାଇ ପ୍ରଥମେ ବ୍ୟାଟିଂ କରିଥିବାବେଳେ ଦିଲ୍ଲୀର ଘାତକ ବୋଲିଂ ଆଗରେ ତିଷ୍ଠି ପାରିନଥିଲା। ମାତ୍ର ୧୯ ଓଭର ୫ଟି ବଲରେ ୧୨୨ ରନରେ ଅଲଆଉଟ୍ ହୋଇଥିଲା। ଦିଲ୍ଲୀ ପକ୍ଷରୁ ସୁୟଶ ଶର୍ମା ଏବଂ ରଜନୀଶ ଦଦ୍ଦର ତିନୋଟି ଲେଖାଏଁ ୱିକେଟ ନେଇଥିଲେ। ଏହାସହ ଦିଗବେଶ ରାଠି ୨ଟି ୱିକେଟ୍ ନେବାରେ ସଫଳ ହୋଇଛନ୍ତି। ଏହି ସ୍କୋରକୁ ଦିଲ୍ଲୀ ଅତି ସହଜରେ ହାସଲ କରି ନେଇଛି। ପ୍ରିୟାଂଶ ଆର୍ଯ୍ୟ ନିଜସ୍ୱ ଶୈଳୀ ଏବଂ ମନୋବଳରେ ବ୍ୟାଟିଂ ଆରମ୍ଭ କରିବା ପରେ ଏହି ଲକ୍ଷ୍ୟ ଆହୁରି ସହଜ ହୋଇଗଲା। ପ୍ରିୟାଂଶ ଆର୍ଯ୍ୟ ୩୦ ବଲ୍ରେ ୫୬ ରନ୍ କରି ଅପରାଜିତ ରହିଥିଲେ। ୧୮୬.୬୬ ଷ୍ଟ୍ରାଇକ୍ ରେଟ୍‌ରେ ଖେଳି ପ୍ରିୟାଂଶ ଏହି ଉତ୍କୃଷ୍ଟ ଇନିଂସରେ ୮ ଚୌକା ଏବଂ ୨ ଛକା ମାରିଥିଲେ। ପ୍ରିୟାଂଶ ୨୧ତମ ବଲରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ।

ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ୮୬ ରନରେ ମ୍ୟାଚ୍ ଜିତିଲା ମୁମ୍ବାଇ

ମୁମ୍ବାଇ



ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ମୁମ୍ବାଇ ବିଜୟୀର ତାଜ୍ ହାସଲ କରିଛି। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଗୁରୁବାର ମୁମ୍ବାଇ ଉତ୍ତରାଖଣ୍ଡକୁ ୮୬ରନର ବଡ଼ ସ୍କୋରରେ ହରାଇଛି। ଏହା ଏହି ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇର ୭ ମ୍ୟାଚ୍‌ରେ ଷଷ୍ଠ ବିଜୟୀ ଅଟେ। ତାଙ୍କର ଏକ ମ୍ୟାଚ୍ ରଦ୍ଦ ହୋଇଥିଲା। ସୂର୍ଯ୍ୟଙ୍କ ଅଧିନାୟକତ୍ୱାଧିନ ମୁମ୍ବାଇ ଏବେ ପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ହାରିନାହିଁ।

ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇର ଟିମ୍ ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲା ଏବଂ ସ୍କୋରବୋର୍ଡ଼ ଉପରେ ୨୦୯ରନ୍ ଲଗାଇଥିଲା। ମାତ୍ର ସେ ପୂରା ୨୦ ଓଭର ବି ବ୍ୟାଟିଂ କରିପାରିନଥିଲା। ବ୍ୟାଟର ଅଙ୍ଗକୃଷ ରଘୁବଂଶୀ ୫୧ରନ ଏବଂ ମୁଶୀର ଖାନ ୬୫ରନର ଯୋଗଦାନ କରିଥିଲେ। ମୁଶୀରଙ୍କ ବଡ଼ ଭାଇ ସରଫରାଜ ଖାନ ୧୫ ବଲରେ ୩୧ ରନର ପାଳି ଖେଳିଥିଲେ।

ସୂର୍ଯ୍ୟକୁମାର ଯାଦବ ଏବଂ ଶିବମ ଦୁବେ ସମ୍ପୂର୍ଣ୍ଣ ଭାବେ ଫ୍ଲପ୍ ହୋଇଥିଲେ। ଶିବମ ଦୁବେ ଗୋଲ୍ଡେନ ଡକର ଶିକାର ହୋଇଥିଲେ ଏବଂ ନିଜ ପାଳିର ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ସେହିଭଳି ସୂର୍ଯ୍ୟକୁମାର ୨ ବଲରେ ଗୋଟିଏ ରନ୍ କରି ଆଉଟ୍ ହୋଇଥିଲେ। ଉତ୍ତରାଖଣ୍ଡର ଜଗଦୀଶ ସୂଚିତ ଗୋଟିଏ ଓଭରରେ ୩ ୱିକେଟ ନେଇଥିଲେ। ସେ ପ୍ରଥମେ ସରଫରାଜଙ୍କୁ ଆଉଟ କରିଥିଲେ, ଏହାପର ବଲରେ ଶିବମ ଦୁବେଙ୍କୁ ଆଉଟ କରିଥିଲେ। ସେ ହାଟ୍ରିକ ପୂରା କରିବାରେ ଫେଲ୍ ମାରିଥିଲେ। କିନ୍ତୁ ସେହି ଓଭରରେ ସୂର୍ଯ୍ୟକୁମାର ଯାଦବଙ୍କୁ ବି ଆଉଟ କରିଦେଇଥିଲେ।

ଯେତେବେଳେ ୨୧୦ ରନର ଲକ୍ଷ୍ୟକୁ ଡିଫେଣ୍ଡ କରିବାର ପାଳି ଆସିଲା ତ ଶିବମ ଦୁବେ ଦ୍ୱିତୀୟ ଓଭରରେ ଉତ୍ତରାଖଣ୍ଡକୁ ପ୍ରଥମ ଝଟକା ଦେଇଥିଲେ। ଧଡ଼ାଧଡ଼ ୱିକେଟ ଚାଲିଯାଇଥିଲା, ଦେଖୁଦେଖୁ ଉତ୍ତରାଖଣ୍ଡର ଅଧା ଟିମ୍ ୫୮ର ସ୍କୋରରେ ଆଉ ହୋଇଯାଇଥିଲେ। ଶାସବାତ ଡଙ୍ଗବାଲ ଏବଂ ଜଗଦୀଶ ସୂଚିତଙ୍କ ମଧ୍ୟରେ ୪୩ରନର ପାର୍ଟନରସିପ ଟିମ୍‌କୁ ୧୦୦ପାର୍ ପହଞ୍ଚାଇଥିଲେ। କିନ୍ତୁ ପୂରା ଟିମ୍ ୧୬.୫ ଓଭରରେ ୧୨୩ରନ୍ କରି ଆଉଟ ହୋଇଯାଇଥିଲେ। ମୁମ୍ବାଇକୁ ୮୬ରନରେ ବଡ଼ ବିଜୟୀ ମିଳିଛି।

ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି

ଆଜି ମାଲେସିଆକୁ ଭେଟିବ ଭାରତ



ଭୋପାଳ

ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ନବମ ସଂସ୍କରଣରେ ଭାରତ ପୁଲ ପର୍ଯ୍ୟାୟରେ ଅପରାଜେୟ ରହି ଟେବୁଲରେ ଶୀର୍ଷ ସ୍ଥାନ ହାସଲ କରିଛି। ଶେଷ ପୁଲ୍ ମ୍ୟାଚ୍‌ରେ ଦଳ ୪-୦ ଗୋଲରେ ଜାପାନକୁ ପରାଜିତ କରିଥିଲା। ଦୀପିକା ଡବଲ ଗୋଲ୍ ଦେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆସନ୍ତା ୨୭ ତାରିଖରେ ଭାରତ ଓ ମାଲେସିଆ ମଧ୍ୟରେ ସେମି ଫାଇନାଲ ଖେଳାଯିବ। ଦ୍ୱିତୀୟ ସେମିରେ ଜାପାନ ଓ ଚୀନ ମୁହାଁମୁହିଁ ହେବେ।

ବୁଧବାର ଜାପାନ ବିପକ୍ଷରେ ଭାରତ ଏକତରଫା ବିଜୟ ହାସଲ କରିଥିଲା। ୧୨ ମିନିଟରେ ଲାଲରେମସିଆମି ଦଳର ଗୋଲ ଖାତା ଖୋଲିଥିଲେ। ୧୬ ମିନିଟରେ ଦୀପିକା ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ ରୂପ ଦେଇଥିଲେ। ପୁଣି ୨୮ ମିନିଟରେ ନେହା ତୃତୀୟ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତକୁ ୩-୦ ଗୋଲରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟର ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ତେଣୁ ଏହି ଭାଗରେ ଖେଳ ଗୋଲଶୂନ୍ୟ ରହିଥିଲା। ଅନ୍ତିମ କ୍ୱାର୍ଟରରେ ଭାରତ ଆଉ ଏକ ଗୋଲ୍ ଦେଇ ମ୍ୟାଚକୁ ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲା। ୪୮ ମିନିଟରେ ଦୀପିକା ଏହି ଗୋଲ ସ୍କୋର କରିଥିଲେ। ଶେଷ ପର୍ଯ୍ୟନ୍ତ ବହୁ ପ୍ରୟାସ କରି ଜାପାନ ଗୋଲ ଖାତା ଖୋଲିବାରେ ବିଫଳ ହୋଇଥିଲା।

ଭାରତ ପ୍ରଥମ ମ୍ୟାଚ୍‌ରେ ୪-୧ରେ ମାଲେସିଆକୁ, ଦ୍ୱିତୀୟ ମ୍ୟାଚ୍‌ରେ ୨-୧ରେ ଦକ୍ଷିଣ କୋରିଆକୁ, ତୃତୀୟ ମ୍ୟାଚ୍‌ରେ ୭-୦ରେ ଥାଇଲାଣ୍ଡକୁ ଏବଂ ଚତୁର୍ଥ ମ୍ୟାଚ୍‌ରେ ୬-୨ରେ ଚୀନ୍‌କୁ ହରାଇଥିଲା। ଟେବୁଲରେ ମୋଟ ୧୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ଜାପାନ ଦ୍ୱିତୀୟ (୧୨ ପଏଣ୍ଟ), ଚୀନ ତୃତୀୟ (୭) ଏବଂ ମାଲେସିଆ (୭) ଚତୁର୍ଥ ସ୍ଥାନରେ ରହିଥିଲା।

ଆଜିଠୁ ଦ୍ୱିତୀୟ ଟେଷ୍ଟ : ବୋଲିଂ ବାହିନୀ ନେଇ ଚିନ୍ତାରେ ଭାରତ

ଖ୍ରୀଷ୍ଟଚର୍ଚ୍ଚ

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ଶୁକ୍ରବାର ସ୍ଥାନୀୟ ହାଗ୍‌ଲେ ଓଭାଲରେ ଖେଳାଯିବ। ପ୍ରଥମ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଥିବାରୁ ଉଭୟ ଦଳ ଏହି ମୁକାବିଲା ଜିତି ଶୃଙ୍ଖଳା କବ୍‌ଜା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ବେସିନ ରିଜର୍ଭ ପିଚ୍ ଭଳି ଏଠାକାର ପିଚ୍‌ରେ ଘାସ ଅଧିକ ଥିବାରୁ ବ୍ୟାଟିଂକୁ ସହାୟତା କରିପାରେ। ତେଣୁ ବୋଲର ପୁଣି ନିରାଶ ହେବାର ସମ୍ଭାବନା ରହିଛି।

ୱେଲିଂଟନ୍ ଟେଷ୍ଟର ପ୍ରଥମ ପାଳିରେ ବିଶାଳ ୭୨୦/୯ କରିବା ସତ୍ତ୍ୱେ ଭାରତୀୟ ବୋଲର ଦେଢ଼ ଦିନରେ ନ୍ୟୁଜିଲାଣ୍ଡକୁ ଅଲ୍‌ଆଉଟ୍ କରିବାରେ ବିଫଳ ହୋଇଥିଲେ। ଫଳରେ ଶୁବମନ ଗିଲ୍‌ଙ୍କ ଦଳ ବୋଲିଂକୁ ନେଇ ଚିନ୍ତାରେ ରହିଛି। ପ୍ରଥମ ଟେଷ୍ଟରେ ଖେଳିଥିବା ୪ ଜଣ ଯାକ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ଆକାଶ ଦୀପ, ଅଂଶୁଲ କମ୍ବୋଜ ଓ ପ୍ରସିଦ୍ଧ କୃଷ୍ଣ ଗୁରୁବାର ଅଭ୍ୟାସ କରି ନଥିଲେ। ଗୁରନୂର ବ୍ରାର, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡ଼େଜା ନେଟ୍‌ରେ କିନ୍ତୁ କଠିନ ପରିଶ୍ରମ କରିଥିଲେ। ଏଥିରୁ ଜଣାପଡୁଛି ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଗିଲ୍ ବୋଲିଂ ବାହିନୀରେ ପରିବର୍ତ୍ତନ ନ କରି ପଡ଼ିଆକୁ ଓହ୍ଲାଇବାକୁ ଭାବୁଛନ୍ତି।

ଯଦି ବି ଏଥିରେ କିଛି ପରିବର୍ତ୍ତନ କରନ୍ତି ଆକାଶ ଦୀପଙ୍କ ବଦଳରେ ବ୍ରାର କିମ୍ବା ସିରାଜଙ୍କୁ ସୁଯୋଗ ମିଳିପାରେ। ଦଳ ଅଷ୍ଟମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟିଂ ଗଭୀରତା ରଖିବା ଏବଂ ନ୍ୟୁଜିଲାଣ୍ଡ ଦଳରେ ଅଧିକ ବାମହାତୀ ବ୍ୟାଟର ଥିବାରୁ ୱାସିଂଟନ୍ ସୁନ୍ଦରଙ୍କୁ ପ୍ରଥମ ଟେଷ୍ଟରେ ଖେଳାଇଥିଲା। ସୁନ୍ଦର ୨୪ ରନ୍ କରିଥିଲେ ମଧ୍ୟ ବୋଲିଂରେ ଆଶାନୁଯାୟୀ ପ୍ରଦର୍ଶନ ଦେଇପାରି ନଥିଲେ। ତାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡ଼େଜାଙ୍କୁ ଚୂଡ଼ାନ୍ତ ଏକାଦଶରେ ନେବାକୁ ଚିନ୍ତା କରୁଛି ଦଳ। ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ (ଡବ୍ଲୁଟିସି) ଫାଇନାଲ୍ ଲାଗି ଭାରତର ଥିବା ଟିକକ ଆଶା ପାଇଁ ଏହି ଟେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଭାରତ ଯଦି ଜିତେ ତେବେ ୧୭ ବର୍ଷ ପରେ ନ୍ୟୁଜିଲାଣ୍ଡରେ ମଧ୍ୟ ଶୃଙ୍ଖଳା କବ୍‌ଜା କରିବାର ଐତିହାସିକ ସଫଳତା ପାଇବ। ଭାରତ ଏହି ପଡ଼ିଆରେ ୨୦୨୦ରେ କେବଳ ଗୋଟିଏ ଟେଷ୍ଟ ଖେଳି ହାରିଥିଲା।



ଅନ୍ୟପକ୍ଷରେ ଏହି ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ଡବ୍ଲୁଟିସି ଫାଇନାଲ୍ ଦୌଡ଼ରେ ରହିବା ସହ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ମନୋବଳ ଦୃଢ଼ ରଖିବା ଲକ୍ଷ୍ୟରେ ରହିଛି। ଭାରତ ଭଳି ନ୍ୟୁଜିଲାଣ୍ଡ ବୋଲର ବି ପ୍ରଥମ ଟେଷ୍ଟରେ ନିରାଶ ହୋଇଥିଲେ। ଜାକବ ଓରାମଙ୍କ ପ୍ରଶିକ୍ଷିତ ନ୍ୟୁଜିଲାଣ୍ଡ ବୋଲର ସ୍ଥାନୀୟ ଖେଳାଳି ମ୍ୟାଟ୍ ହେନରିଙ୍କ ନେତୃତ୍ୱରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଭାରତକୁ ଦୁଇ ଥର ଅଲ୍‌ଆଉଟ୍ କରିବା ଅଶାରେ ରହିଛନ୍ତି। ହେନରି ନିକୋଲ୍ସ ଓ ଗ୍ଲେନ୍ ଫିଲିପ୍ସଙ୍କ ସହ ଅନ୍ୟ ବ୍ୟାଟରମନେ ମଧ୍ୟ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ ଅଛନ୍ତି। ଗତ ଦୁଇଟି ଯାକ ପାଳିରେ ଶୂନରେ ଆଉଟ୍ ହୋଇ ଅଧିନାୟକ ଟମ୍ ଲାଥମ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟ ରଖିଛନ୍ତି। ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡ ଗତ ୯ ଟେଷ୍ଟରୁ ୬ଟି ଜିତିଥିବାରୁ ବିଜୟ ଆଶାରେ ରହିଛି।

ୱେଲିଂଟନ୍‌ରେ ଗୁରୁବାର ବର୍ଷା ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ଖେଳାଳି ଅଭ୍ୟାସ କରି ନଥିଲା ବେଳେ କିଛି ଭାରତୀୟ ଖେଳାଳି ଇନ୍‌ଡୋରରେ ଅଭ୍ୟାସ କରିଥିଲେ ଏବଂ ମଧ୍ୟାହ୍ନ ପରେ ବର୍ଷା ଛାଡ଼ିବାରୁ ଅନ୍ୟ କେତେଜଣ ପଡ଼ିଆରେ ଅଭ୍ୟାସ କରିଥିଲେ। ହେଲେ ଶୁକ୍ରବାର ମ୍ୟାଚ୍‌ରେ ବର୍ଷା ବାଧା ଦେବାର ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହାଗ୍‌ଲେ ଓଭାଲ ପିଚ୍‌ରେ ଭଲ ବାଉନ୍ସ ମିଳିବ। ଯାହା ଦ୍ରୁତ ବୋଲରଙ୍କୁ ଆରମ୍ଭରୁ ଅଧିକ ସହାୟତା କରିବ। କିନ୍ତୁ ପରେ ବ୍ୟାଟିଂ ଅନୁକୂଳ ହୋଇପାରେ। ପିଚ୍ ପ୍ରସ୍ତୁତି ସମୟରେ ଅସ୍ୱାଭାବିକ ଭାବେ ଅଧିକ ତାପମାତ୍ରା ଏବଂ ଟେଷ୍ଟ ପୂର୍ବରୁ ଶେଷ ଦୁଇ ଦିନର ବର୍ଷା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଫଳରେ ପିଚ୍‌ରେ ଅଧିକ ଆର୍ଦ୍ରତା ରହିବାର ସମ୍ଭାବନା ଅଛି। ଘାସ ଉପରେ ପାଲ ପକାଯାଇଥିବାରୁ ପିଚ୍‌ରେ ଆର୍ଦ୍ରତା ବଢ଼ିପାରେ। ଏହାର ପ୍ରଭାବରେ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ପିଚ୍‌ରୁ ଅସମାନ ବାଉନ୍ସ ମିଳିବା ଆଶଙ୍କା ରହିଛି ବୋଲି କ୍ୟୁରେଟର କହିଛନ୍ତି।

ବିମ୍‌ଷ୍ଟେକ୍ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପ୍

ପ୍ରଥମ ଦିନରେ ଭାରତକୁ ୬, ଶ୍ରୀଲଙ୍କାକୁ ୨ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର



କଳିଙ୍ଗ ଷ୍ଟାଡ଼ିୟମରେ ଜାରି ରହିଛି ବିମ୍‌ଷ୍ଟେକ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପ-୨୦୨୬ର ପ୍ରଥମ ସଂସ୍କରଣ। ପ୍ରଥମ ଦିବସରେ ଆୟୋଜକ ଭାରତୀୟ କ୍ରୀଡ଼ାବିତଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ୮ଟି ଇଭେଣ୍ଟରୁ ୬ଟିରେ ଭାରତ ଏବଂ ୨ଟିରେ ଶ୍ରୀଲଙ୍କା ଚାମ୍ପିଅନ ହୋଇଛି।

ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଉଦ୍‌ଘାଟନ କରିଥିଲେ। ଅଲିମ୍ପିଆନ ଆଦିଲ ସୁମାରିୱାଲା, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ, କର୍ଣ୍ଣେଲ ଏନ୍.ଏସ୍ ଜୋହାଲ ଏବଂ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ। ଆୟୋଜକ ଭାରତ ସମେତ ବାଂଲାଦେଶ, ଭୁଟାନ, ମିଆଁମାର, ନେପାଳ ଓ ଶ୍ରୀଲଙ୍କାରୁ ୨୧୦ ଜଣ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ୧୦୦ ମିଟରରେ ପୁରୁଷରେ ଶ୍ରୀଲଙ୍କା ଏବଂ ମହିଳାରେ ଭାରତ ଟାଇଟଲ ହାସଲ କରିଥିଲା। ପୁରୁଷରେ ଦିନେଥ ଇନ୍ଦୁୱାରା (୧୦.୩୫ ସେକେଣ୍ଡ) ଏବଂ ମହିଳାରେ ପ୍ରିଥିକା ଟି. (୧୨.୦୨ ସେକେଣ୍ଡ) ପ୍ରଥମ ସ୍ଥାନ ହାସଲ କରିଥିଲେ। ଶୁକ୍ରବାର ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ ହେବ।

ପୁରୁଷ ୧୦୦ ମିଟର : ଦିନାଥ ଇନ୍ଦୁୱାରା ଶ୍ରୀଲଙ୍କା) ୧୦.୩୫ ସେକେଣ୍ଡ, ରଷିପ୍ରସାଦ ଦେଶାଇ (ଭାରତ) ୧୦.୪୬ ସେକେଣ୍ଡ, ସାଦ ଜମାଲଡେନ (ଶ୍ରୀଲଙ୍କା) ୧୦.୫୭ ସେକେଣ୍ଡ ଓ ନିଲ ସମରାଜ (ଭାରତ) ୧୦.୬୭ ସେକେଣ୍ଡ। ୧୫୦୦ ମିଟର: ହିତେଶ (ଭାରତ) ୩: ୫୬.୭୨ ସେକେଣ୍ଡ, ନେଥସରା ଦିନାଥ ଗାଗବାଡା (ଶ୍ରୀଲଙ୍କା) ୩: ୫୬.୯୦ ସେକେଣ୍ଡ ଏବଂ ରାହୁଲ ସାରନାଲିଆ (ଭାରତ) ୩: ୫୭.୩୮ ସେକେଣ୍ଡ। ହାଇ ଜମ୍ପ: ନେଥିଆ ସମ୍ପଦ ଜୋନିସ୍କୁ (ଶ୍ରୀଲଙ୍କା) ୨.୦୮ ମିଟର, ବିନୋୟ ବି (ଭାରତ) ୨.୦୮ ମିଟର ଓ ଅନ୍ଦ୍ରିଏଶ କେ (ଭାରତ) ୨.୦୮ ମିଟର। ଟ୍ରିପଲ ଜମ୍ପ: ଦକ୍ଷ ବିଷ୍ଟୋଇ (ଭାରତ) ୧୫.୫୮ ମିଟର, ସେନୁରା ହାନସାକା (ଶ୍ରୀଲଙ୍କା) ୧୫.୩୨ ମିଟର ଓ ଯୁବରାଜ କେ (ଭାରତ) ୧୫.୧୪ ମିଟର। ସୁଟ୍ ପୁଟ୍: କେ ରିସାନ୍‌ସା ହିରୁପମା (ଶ୍ରୀଲଙ୍କା) ୧୨.୦୭ ସେକେଣ୍ଡ, ଦେୱାନ ସୁମାୟା ୧୨.୨୪ ସେକେଣ୍ଡ ଓ ଭି. ସୁଧୀକ୍ଷା (ଭାରତ) ୧୨.୨୫ ସେକେଣ୍ଡ। ଡିସ୍କସ୍ ଥ୍ରୋ: ପ୍ରିୟା (ଭାରତ) ୫୨.୦୩ ମିଟର, ନିକିତା କୁମାରୀ (ଭାରତ) ୫୦.୦୨ ମିଟର ଓ ବି. ବାଲାସୋରିଆ (ଶ୍ରୀଲଙ୍କା) ୪୪.୯୭ ମିଟର। ୫୦୦୦ ମିଟର: ସୋନମ ପରମାର (ଭାରତ) ୧୭.୩୧.୧୨ ସେକେଣ୍ଡ, ସୁନୀତା ଦେବୀ (ଭାରତ) ୧୭.୩୧.୬୬ ସେକେଣ୍ଡ ଓ କେ ନିତୁକି ପ୍ରାର୍ଥନା (ଶ୍ରୀଲଙ୍କା) ୧୭.୪୭.୦୭ ସେକେଣ୍ଡ।

ଭାରତକୁ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ଶ୍ରୀଲଙ୍କା

ଦୋହା



ଏସିସି ପୁରୁଷ ଏସିଆ କପ୍ ରାଇଜିଂ ଷ୍ଟାରର୍ସ ୨୦୨୬ର ପ୍ରଥମ ସେମିଫାଇନାଲରେ ଭାରତକୁ ପରାସ୍ତ କରିଛି ଶ୍ରୀଲଙ୍କା। ୩୧୮ ରନ୍‌ର ଲକ୍ଷ୍ୟ ନେଇ ଶ୍ରୀଲଙ୍କା ବ୍ୟାଟିଂ କରିଥିଲା। ଦଳ ୪୧.୩ ଓଭରରେ ୨ଟି ୱିକେଟ ହରାଇ ବିଜୟ ହାସଲ ସହିତ ଫାଇନାଲରେ ପ୍ରବେଶ କରିଛି। ଶ୍ରୀଲଙ୍କା ପାଇଁ ପ୍ରାରମ୍ଭିକ ବ୍ୟାଟର ଶତକ ହାସଲ କରିଥିଲେ। ଲସିଥ କୋସପୁଲେ ୧୦୭ଟି ବଲ୍ ଖେଳି ୧୨ଟି ଚୌକା ଏବଂ ୩ଟି ଛକା ବଳରେ ୧୧୬ ରନ୍ କରିଥିଲେ। ସେହିପରି ସିନେଥ ଜୟବର୍ଦ୍ଧନେ ୭୦ଟି ବଲ୍ ଖେଳି ୧୦ଟି ଚୌକା ଏବଂ ୬ଟି ଛକା ବଳରେ ୧୦୫ ରନ୍ କରିଥିଲେ। ନିଶାନ ମୁଦୁଶକା ୫୬ଟି ବଲ୍ ଖେଳି ୫୮ ରନ୍ ରକିଥିଲେ। ଏଥିରେ ସେ ୫ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ସେ ଅପରାଜିତ ଫେରିଥିଲେ। ପଭନ ରତନାୟକେ ଅପରାଜିତ ୩୧ ରନ୍ କରିଥିଲେ।

ଟସ ଜିଣି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୫୦ ଓଭରରେ ୮ଟି ୱିକେଟ୍ ହରାଇ ୩୧୭ ରନ୍ ସଂଗ୍ରହ କରିଥିଲା। ଦୋହାର ଇଡେନ୍ ପାର୍କ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ପାଇଁ ଯୁବ ବ୍ୟାଟର ଅଭିଷେକ ଶର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୬୩ଟି ବଲ୍ ଖେଳି ୧୧ଟି ଚୌକା ଏବଂ ଗୋଟିଏ ଛକା ବଳରେ ୭୮ ରନ୍ ସଂଗ୍ରହ କରି ଥିଲେ। ସେ ବୈଭବ ସୂର୍ଯ୍ୟବଂଶୀଙ୍କ ସହିତ ପ୍ରଥମ ୱିକେଟ୍ ପାଇଁ ୮୦ ରନ୍‌ର ଭାଗିଦାରୀ କରିଥିଲେ। ବୈଭବ ସୂର୍ଯ୍ୟବଂଶୀ ଆଉଟ୍ ହୋଇ ପାଭଲିଅନ ଫେରିଯିବା ପରେ କୁମାର କୁଶାଗ୍ରାଙ୍କ ସହିତ ୭୯ ରନ୍‌ର ଭାଗିଦାରୀ କରିଥିଲେ। କୁଶାଗ୍ରା ବ୍ୟକ୍ତିଗତ ଭାବେ ଭାରତ ପାଇଁ ୨୧ ରନ୍ ସଂଗ୍ରହ କରିଥିଲେ।

ଭାରତ ତୃତୀୟ ୱିକେଟ୍ ଭାବେ କୁମାର କୁଶାଗ୍ରାଙ୍କୁ ହରାଇ ଥିଲା। ସେତେବେଳକୁ ଭାରତର ସ୍କୋର ୧୯୭ ରନ୍‌ରେ ପହଞ୍ଚିଥିଲା। ଶ୍ରୀଲଙ୍କାର ଚତୁର୍ଥ ଶିକାର ହୋଇ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ନଭେମ୍ବର, ୨୦୨୬ ଶୁକ୍ରବାର



'ଶୂନ୍ୟକାଳ'ରେ ବିଧାୟକ ଉଠାଇଲେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ

ଭୁବନେଶ୍ୱର, ୨୬/୧୧
ନ୍ୟୁଜ ବ୍ୟୁରୋ

ଗୁରୁବାର ବିଧାନସଭାର ଶୂନ୍ୟକାଳରେ ଦଳମତ ନିର୍ବିଶେଷରେ ବିଧାୟକମାନେ ରାଜ୍ୟ ସ୍ୱାର୍ଥ ଜଡ଼ିତ ଏବଂ ନିଜ ନିଜ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମହିଳା ବିରୋଧୀ ହିଂସା ଓ ଅପରାଧ ବୃଦ୍ଧି ପାଉଥିବା ନେଇ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ସରଗରମ ଆଲୋଚନା ହୋଇଥିଲା।

ଶୂନ୍ୟକାଳରେ ପ୍ରଥମେ ବିଜେଡ଼ି ବିଧାୟକ ତୁଷାରକାନ୍ତି ବେହେରା ଅସ୍ତରଙ୍ଗ ବ୍ଲକ ବିଡ଼ିଓଙ୍କ ବିରୋଧରେ ଏକ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଗତ କରିଥିଲେ। ଏ ସମ୍ପର୍କରେ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ଦର୍ଶାଇଥିଲେ ଯେ, ବିକଶିତ ଓଡ଼ିଶା, ବିକଶିତ ଗାଁ ଯୋଜନାରେ ସେ ତାଙ୍କ ନିର୍ବାଚନ ମଣ୍ଡଳୀ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପ୍ରସ୍ତାବ ଦେଇଥିବା ବେଳେ ସ୍ଥାନୀୟ ବିଡ଼ିଓ ତାକୁ ତାଙ୍କର ଆଗୋଚରରେ ଏବଂ ବିନା ଅନୁମତିରେ ପରିବର୍ତ୍ତନ କରିଦେଇଛନ୍ତି। ଏହାଦ୍ୱାରା ଜନପ୍ରତିନିଧି ହିସାବରେ ତାଙ୍କର ସମ୍ମାନ ଓ ସ୍ୱାଧିକାର କ୍ଷୁର୍ଣ୍ଣ ହୋଇଥିବା ନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଛନ୍ତି। ଜିଲ୍ଲାପାଳ ଏହା ଉପରେ ସ୍ୱଗତାଦେଶ ଜାରିକରିଛନ୍ତି। ଏହା ଉପରେ ବାଚସ୍ପତି ବିହିତ ପଦକ୍ଷେପ ନେବାକୁ ଶ୍ରୀ ବେହେରା ନିବେଦନ କରିଥିଲେ। ଅନ୍ୟ ପକ୍ଷରେ ବାଚସ୍ପତି ଶ୍ରୀମତୀ ପାଢୀ ଏ ସମ୍ପର୍କରେ ବିଧାୟକ ଶ୍ରୀ ବେହେରାଙ୍କ ନୋଟିସ୍ ପାଇଛନ୍ତି ଓ ଏହା ଉପରେ ତର୍ଜମା କରି ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି ଶୂନ୍ୟକାଳରେ ବିଜେଡ଼ି ବିଧାୟକ ଧ୍ରୁବଚରଣ ସାହୁ ଆନ୍ଦୋଳନରତ ଅଙ୍ଗନବାଡ଼ି କର୍ମୀଙ୍କ ଆନ୍ଦୋଳନ ସମ୍ପର୍କରେ ସରକାରଙ୍କ



ଦୃଷ୍ଟି ଆକର୍ଷଣ କରିଥିଲେ । ଦରମା ଓ ଅନ୍ୟାନ୍ୟ ସମସ୍ୟା ନେଇ ୧୩ ଦଫା ଦାବିରେ ଅଙ୍ଗନବାଡ଼ି କର୍ମୀମାନେ ହଜାର ହଜାର ସଂଖ୍ୟାରେ ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଥିବା ବେଳେ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ ଯାଇଛନ୍ତି । ଏହି ସମସ୍ୟା ପ୍ରତି ସରକାର ନ୍ୟାୟ ବିଚାର କରିବାକୁ ସେ ନିବେଦନ କରିଥିଲେ। ସେହିପରି କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଅବିଭକ୍ତ କୋରାପୁଟ ଜିଲ୍ଲାରେ ବେକାର ଯୁବକଙ୍କ ଝକିରି ସମସ୍ୟା ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ସରକାର ଆଶୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ଏବଂ ସରକାର ସେଥିପ୍ରତି ଦାୟୀ ରହିବେ ବୋଲି ଚେତାବନୀ ଶୁଣାଇଥିଲେ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପର ନିରୀକ୍ଷଣ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍ଗ୍ୱାଲ ଗୁରୁବାର ଭୁବନେଶ୍ୱର–ଦଶପଲ୍ଲା ରେଳପଥ ସେକ୍ସନରେ ଓ୍ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରିଥିଲେ। ଏହାପରେ ସେ ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ମୋଟର ଟ୍ରଲି ଯୋଗେ ଦଶପଲ୍ଲା–ବୁଗୁଡ଼ା ରେଳପଥ ସେକ୍ସନର ବିସ୍ତୃତ ନିରୀକ୍ଷଣ କରିଥିଲେ। ନିରୀକ୍ଷଣ ସମୟରେ



ମହାପ୍ରବନ୍ଧକ ବୃହତ୍ ସେତୁ, ସୁଡ଼ଙ୍ଗ, ଟ୍ରାକ୍ ନିର୍ମାଣ, ବାଲାଷ୍ଟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ରେଳ ଭିତ୍ତିଭୂମି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ନିରୀକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂତନ ରେଳପଥ ପ୍ରକଳ୍ପର ସାମଗ୍ରିକ ଅଗ୍ରଗତି ସମୀକ୍ଷା କରିବା ଏବଂ କାର୍ଯ୍ୟଗୁଡ଼ିକର ସମୟୋଚିତ ସମ୍ପାଦନ ସୁନିଶ୍ଚିତ କରିବା। ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ନିର୍ମାଣର ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ପାଳନ କରିବା ଉପରେ ଶ୍ରୀ ଫୁଙ୍ଗ୍ୱାଲ ଗୁରୁତ୍ୱାରୋପ କରିଥିଲେ। ଏହି ନିରୀକ୍ଷଣ ସମୟରେ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ।



ଭୁବନେଶ୍ୱର : ବୃଦ୍ଧ ମନ୍ଦିର ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ପାଳନ ଆବସରରେ ଆୟୋଜିତ 'ନବକୃଷ୍ଣ ସ୍ମାରକୀ ବକ୍ତୃତା' ସନ୍ଧ୍ୟାରେ ମଞ୍ଚାସୀନ ଅଛନ୍ତି ମୁଖ୍ୟଅତିଥି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଶିଷ୍ଟ ଶିକ୍ଷାବିତ୍ ଡ. ଅର୍ଚ୍ଚନା ନାୟକ ଓ ଅନ୍ୟ ଅତିଥିମାନେ । (ଫଟୋ : ସମ୍ବାଦ କଳିକା)

ଜମି ସମସ୍ୟା ଦୂର ପାଇଁ କ୍ଷେତ୍ରାଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଏମ୍‌ଏଲଏ ଲାଡ ଫଣ୍ଡ୍ ଅର୍ଥ ବିନିଯୋଗରେ ହେଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଲାଗି ଆବଶ୍ୟକ ଜମି ଉପଲବ୍ଧ କରାଇବା ଦିଗରେ ଖୁବ ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ସମ୍ପୃକ୍ତ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଆରଡିସିଙ୍କ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ ଦିଆଯିବ ବୋଲି ଗୁରୁବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ବିଧାୟକ ଲକ୍ଷ୍ମଣ ବାଗଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ପ୍ରତାପ କେଶରୀ ଦେବ, ତାରାପ୍ରସାଦ ବାହିନୀପତି, ଦୁର୍ଗା ପ୍ରସନ୍ନ ନାୟକ, ଦିବ୍ୟଶଙ୍କର ମିଶ୍ର, ଅମରେନ୍ଦ୍ର ଦାସ, ଟଙ୍କଧର ତ୍ରିପାଠୀ ପ୍ରମୁଖଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ କ୍ଷେତ୍ରରେ ଯଦି କୌଣସି ସମସ୍ୟା ରହିଛି ତେବେ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରାଗଲେ ତାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ। ଏହି ପ୍ରସଙ୍ଗରେ ଆଲେଚନା ଚାଲିଥିବା ବେଳେ ବିଧାୟକମାନଙ୍କ ଉଦବେଗକୁ ଲକ୍ଷ୍ୟ କରି ବାଚସ୍ପତି ସୁରମା ପାଢ଼ୀ ଜମି ଅଧିଗ୍ରହଣ ସମସ୍ୟା ଦୂର ପାଇଁ ବିଧିବ୍ୟବସ୍ଥାର ତର୍ଜମା କରି ସରଳୀକରଣ କାରିବା ସହ ବିଭାଗୀୟ କ୍ଷେତ୍ରାଧିକାରୀଙ୍କୁ ସ୍ପଷ୍ଟ ଭାବେ ସର୍କୁଲାର ଦ୍ୱାରା ଜଣାଇବାକୁ ରାଜସ୍ୱମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଗ୍ରହଣ କରିବା ସହିତ ଏହାକୁ ନିଶ୍ଚିତ ପାଳନ କରାଯିବ ବୋଲି କହିଥିଲେ।

କଟକ ବାଲିଯାତ୍ରାରେ ବ୍ୟାଙ୍କ ଅଫ୍ ବରୋଦାର ଆକର୍ଷଣୀୟ ଷ୍ଟଲ୍

ଏଟିଏମ୍ ଓ ମୁଦ୍ରା ବିନିମୟ ସୁବିଧା ଉପଲବ୍ଧ



କଟକ, ନ୍ୟୁଜ ବ୍ୟୁରୋ

ଐତିହାସିକ କଟକ ବାଲିଯାତ୍ରାରେ ବ୍ୟାଙ୍କିଂ ସେବା ଓ ଗ୍ରାହକଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍‌କୁ ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ଡିଜିଏମ୍ ରାକେଶ ଝା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଟକ ରିଜିଅନ୍‌ର ଏଜିଏମ୍ ତଥା ଆରଏଚ୍ ଜ୍ୟୋତିର୍ମୟୀ ଜେନା ଏବଂ ଡିଆରଏମ୍ ମାନସ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।ବାଲିଯାତ୍ରାକୁ ଆସୁଥିବା ଲକ୍ଷ ଲକ୍ଷ ଦର୍ଶକଙ୍କ ସୁବିଧା ପାଇଁ ବ୍ୟାଙ୍କ ପକ୍ଷରୁ ଷ୍ଟଲ୍‌ରେ ଏଟିଏମ୍ ସ୍ଥାପନ ସହ ମୁଦ୍ରା ବିନିମୟ ବ୍ୟବସ୍ଥା କରାଯାଇଛି। ଏଥିସହ ବ୍ୟାଙ୍କର ବିଭିନ୍ନ ଋଣ ଓ ଜମା ଯୋଜନା ସମେତ ଆସେଟ୍ ଏବଂ ଲାଏବିଲିଟି ଉତ୍ପାଦ ସମ୍ପର୍କରେ ଷ୍ଟଲ୍‌ରେ ସୂଚନା ପ୍ରଦାନ କରାଯାଉଛି। ଏହି ପଦକ୍ଷେପ ମାଧ୍ୟମରେ ବ୍ୟାଙ୍କ ଅଫ୍ ବରୋଦା ଜନସାଧାରଣଙ୍କ ମଧ୍ୟରେ ବ୍ୟାଙ୍କିଂ ସଚେତନତା ବୃଦ୍ଧି ସହ ଉତ୍ସବ ସମୟରେ ସହଜ ଓ ସୁବିଧାଜନକ ବ୍ୟାଙ୍କିଂ ସେବା ଯୋଗାଇବାର ଲକ୍ଷ୍ୟ ରଖିଛି। ସରକାରୀ ଆକଳନ ଅନୁଯାୟୀ, ଡିସେମ୍ବର ୧, ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବକୁ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଆଗମନ ହେବାର ଆଶା ରହିଛି। ଏହି ମହାନ୍ ଜନଉତ୍ସବରେ ବ୍ୟାଙ୍କର ଯୋଗଦାନ ଗ୍ରାହକ ସେବା ଓ ସମାଜ ସହ ଏହାର ସମ୍ପର୍କକୁ ଆହୁରି ସୁଦୃଢ଼ କରିବ।

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ

୨୦୦୮ ନଭେମ୍ବର ୨୬ ତାରିଖର କାଳରାତ୍ରି ଭାରତୀୟ ଇତିହାସର ଏକ ଅଭୁଲା ଦୁଃଖଦ ଅଧ୍ୟାୟ। ମୁମ୍ବାଇ ସହରରେ ହୋଇଥିବା ଭୟାବହ ଆତଙ୍କବାଦୀ ଆକ୍ରମଣକୁ ଆଜି ୧୮ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶ ସହିଦମାନଙ୍କ ବଳିଦାନକୁ ସ୍ମରଣ କରୁଛି। ୨୦୦୮ ମସିହା ନଭେମ୍ବର ୨୬ ତାରିଖ ରାତିରେ ପାକିସ୍ତାନରୁ ସମୁଦ୍ରପଥରେ ଆସିଥିବା ଲସ୍କର-ଏ-ତୋଏବାର ୧୦ ଜଣ ଆତଙ୍କବାଦୀ ମୁମ୍ବାଇର ବିଭିନ୍ନ ସ୍ଥାନରେ ନିର୍ମମ ଗୁଳିଚାଳନା ଓ ବିସ୍ଫୋରଣ ଘଟାଇଥିଲେ। ଛତ୍ରପତି ଶିବାଜୀ ଟର୍ମିନସ୍, ତାଜ୍ ମହଲ ପ୍ୟାଲେସ୍ ହୋଟେଲ, ଓବେରୟ ଟ୍ରାଇଡେଣ୍ଟ ହୋଟେଲ, ଲିଓପୋଲ୍ଡ କାଫେ ଓ ନରିମାନ ହାଉସ୍ ଭଳି ପ୍ରମୁଖ ସ୍ଥାନ ଏହି ଆକ୍ରମଣର ଶିକାର ହୋଇଥିଲା । ଏହି ନରସଂହାରରେ ୧୬୬ ଜଣଙ୍କ ଜୀବନ ଯାଇଥିବାବେଳେ ୩୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଦେଶର ସୁରକ୍ଷା ପାଇଁ ଲଢ଼ି ଅନେକ ସୁରକ୍ଷାକର୍ମୀ ଓ ପୋଲିସ ଅଧିକାରୀ ମଧ୍ୟ ସହିଦ ହୋଇଥିଲେ।

ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ଟେଷ୍ଟ ପେପର୍ ବଣ୍ଟନ

ପାରାଦୀପ, ନ୍ୟୁଜ ବ୍ୟୁରୋ

ସମାବେଶୀ ସାମାଜିକ ବିକାଶ ଓ ଶିକ୍ଷାର ପ୍ରସାର ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରି ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ପକ୍ଷରୁ ଏରସମା ବ୍ଲକ୍ ଓ ପାରାଦୀପ ସହରାଞ୍ଚଳର ୬ଟି ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ମାଗଣା ଟେଷ୍ଟ ପେପର୍ ବଣ୍ଟନ କରାଯାଇଛି। ୨୬.୧୧.୨୦୨୬ ତାରିଖରେ ଢ଼ିଙ୍କିଆସ୍ଥିତ କପ୍ତେଶ୍ୱର ବିଦ୍ୟାପୀଠଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପଦକ୍ଷେପ ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୋଟ ୪୮୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ।



ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଆଖପାଖ ଅଞ୍ଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଓ ଆବଶ୍ୟକ ଶିକ୍ଷା ସାମଗ୍ରୀ ଯୋଗାଇବା ସହ ସେମାନଙ୍କ ଶିକ୍ଷାଗତ ଦକ୍ଷତା ଓ ଫଳାଫଳରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି। ବିଶେଷକରି ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ବିକାଶ ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ଦେଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ତିନୋଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେ.ବି. ନୋଡାଲ୍ ହାଇସ୍କୁଲ୍, ନୂଆଗାଁ; କପ୍ତେଶ୍ୱର ବିଦ୍ୟାପୀଠ, ଢ଼ିଙ୍କିଆ ଏବଂ ଅପ୍‌ଗ୍ରେଡେଡ୍ ହାଇସ୍କୁଲ୍, ଗଡ଼କୁଜଙ୍ଗ ସମେତ ପାରାଦୀପ ସହରାଞ୍ଚଳର ସଞ୍ଜୟ ଗାନ୍ଧୀ ହାଇସ୍କୁଲ୍, ଏନ୍‌ଏସି ହାଇସ୍କୁଲ୍ ଏବଂ ଏନ୍‌ଏସି ବାଳିକା ହାଇସ୍କୁଲ୍‌କୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମିତ୍ରଭାନୁ ଚୌଧୁରୀ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍, ପାରାଦୀପର ଉଚ୍ଚ ମୁଖ୍ୟ ଅଭିଜିତ ମହାନ୍ତିଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ତିନୋଟି ଗ୍ରାମ ପଞ୍ଚାୟତର ବିଶିଷ୍ଟ ଜନପ୍ରତିନିଧି, ସମାଜସେବୀ ଓ ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମୃତକଙ୍କ ପରିବାର ପାଇଁ ...

ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

୨୦୨୬-୨୭ ବର୍ଷରେ...

ତାରିଣୀ ମନ୍ଦିର, ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର, ଜଗତସିଂହପୁରର ମା' ସାରଳା ମନ୍ଦିର, ଯୋରନ୍ଦାର ଶୂନ୍ୟ ମନ୍ଦିର, ଖୋର୍ଦ୍ଧାର ମା' ଉଗ୍ରତାରା ମନ୍ଦିର ଓ ମା' ଭଗବତୀ ମନ୍ଦିରର ବିକାଶ ଏଥିରେ ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଭୁବନେଶ୍ୱରର ଏକାମ୍ର କ୍ଷେତ୍ର ପ୍ରକଳ୍ପର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ।

ସେହିପରି ରାଜ୍ୟର ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ କଟକର ଏସ୍‌ସିବି ମେଡିକାଲ କଲେଜ, ବ୍ରୁର୍ଲାର ଭିମ୍‌ସାର ଏବଂ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜରେ ବିଭିନ୍ନ ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯିବ।

ସଡ଼କ ଓ ସେତୁ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ରହିଛି। ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଫ୍ଲାଏଓଭର ନିର୍ମାଣ, ବଡ଼ବିଲ ରିଙ୍ଗ୍ ରୋଡ୍, ଗଞ୍ଜାମର ଗେଟ୍ ବଜାର ଫ୍ଲାଏ ଓଭର ସହ କାଠଯୋଡ଼ି, ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀ ଉପରେ ହାଇଲେଭଲ୍ ସେତୁ ନିର୍ମାଣ ଭଳି ପ୍ରକଳ୍ପ ଏହି ବୁଝାମଣାପତ୍ର ମାଧ୍ୟମରେ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରହିଛି । ଏହାଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ସୁଗମ ହେବା ସହ ସ୍ଥାନୀୟ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ ।

କୃଷି ଓ ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁ ମଡେଲ ଧାନମଣ୍ଡି ନିର୍ମାଣ, ଜନସାଧାରଣଙ୍କ ସୁବିଧା ନିମନ୍ତେ ରାଜଧାନୀ ଭୁବନେଶ୍ୱରରେ ଜନଆଶ୍ରୟ ଭବନ ନିର୍ମାଣ ସହ ବିଭିନ୍ନ ସ୍ଥାନରେ ଆଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯିବ। ଏଥିସହ କେନ୍ଦୁଝରଠାରେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ନିର୍ମାଣ ପ୍ରକଳ୍ପକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବୁଝାମଣାପତ୍ରରେ ନିର୍ମାଣ ବିଭାଗ ଓ ଅର୍ଥ ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପଗୁଡ଼ିକର ତଦାରଖ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ୍ୟ ବ୍ୟବସ୍ଥା ରହିଛି । ଏହି ବୈଠକରେ ନିର୍ମାଣ ବିଭାଗ ଓ ଓବିସିସିର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

୨୫% ଅତିରିକ୍ତ...

ଶ୍ରମ ନୀତି, ବଜାର ପ୍ରବେଶ ନିୟମ ଓ ଆର୍ଥିକ ନୀତିକୁ ମଧ୍ୟ ଆମେରିକା ସମାଲୋଚନା କରିଛି।

ତେବେ ଆମେରିକାର ଅଭିଯୋଗକୁ ଭାରତ ଖଣ୍ଡନ କରିଛି। ଦେଶର କୌଣସି କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ଉତ୍ପାଦନ କ୍ଷମତା ନାହିଁ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ଦେଶର ଘରୋଇ ଚାହିଦା ପୂରଣ କରିବା, ଆମଦାନି ଉପରେ ନିର୍ଭରଶୀଳତା କମାଇବା ଓ ଶିଳ୍ପ କ୍ଷମତା ବଢ଼ା

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୭ ନଭେମ୍ବର, ଶୁକ୍ରବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

ଦୀଘା ଜଗନ୍ନାଥ ମନ୍ଦିର ନାଁରୁ ହଟିଲା 'ଧାମ' ଶବ୍ଦ

ଏଣିକି ସମଗ୍ର ମନ୍ଦିର 'ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର' ହେବ



କୋଲକତା, ୨୬/୧୧

ପଶ୍ଚିମବଙ୍ଗର ଦୀଘାସ୍ଥିତ ଜଗନ୍ନାଥ ମନ୍ଦିରର ନାମକରଣକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ଦୀଘାସ୍ଥିତ ଜଗନ୍ନାଥ ମନ୍ଦିର ନାଁରୁ 'ଧାମ' ଶବ୍ଦ ହଟାଇଛନ୍ତି ପଶ୍ଚିମବଙ୍ଗ ସରକାର । ଏହା ସହ ଏହାର ନାଁ ପରିବର୍ତ୍ତନ କରିଛନ୍ତି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ଏଣିକି ସମଗ୍ର ମନ୍ଦିର 'ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର' ନାଁରେ ପରିଚିତ ହେବ । ସେହିପରି ମନ୍ଦିରର ନାଁ 'ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର' ରଖାଯାଇଛି । ପଶ୍ଚିମବଙ୍ଗ ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଜଗନ୍ନାଥପ୍ରେମୀଙ୍କ ଭାବାବେଗ ଜଡିତ ପ୍ରସଙ୍ଗ ଉପରେ ବିହିତ ପଦକ୍ଷେପ ନେଇଛନ୍ତି ପଶ୍ଚିମବଙ୍ଗ ସରକାର । ଦୀଘାସ୍ଥିତ ଜଗନ୍ନାଥ ମନ୍ଦିର ନାଁରୁ 'ଧାମ' ଶବ୍ଦ ହଟାଇଛନ୍ତି ପଶ୍ଚିମବଙ୍ଗ ସରକାର । ମନ୍ଦିରର ନାଁ 'ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର' ହୋଇଛି । ଏଣିକି ସମଗ୍ର ମନ୍ଦିର 'ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର' ନାଁ'ରେ ପରିଚିତ ହେବ । ଏନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ଦୀଘା ମନ୍ଦିର ପରିସରର ନାମକରଣକୁ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ନାମରୁ 'ଧାମ' ଶବ୍ଦ ହଟାଇବାକୁ ଶୁଭେନ୍ଦୁ ଅଧିକାରୀଙ୍କ ନିକଟରେ ଦାବି ଜଣାଇଥିଲେ । ଏହାକୁ ବିଚାରକୁ ନେଇ ନାମ ପରିବର୍ତ୍ତନ କରାଯାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ।



ଭୁବନେଶ୍ୱର : ୟୁନିଟ୍-୩ ସ୍ଥିତ 'ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା' ପରିସରରେ ଆୟୋଜିତ ୩ଦିନିଆ ଟ୍ୟାକ୍ସ ପେୟର୍ସ ହବ୍ -୨୦୨୬ ଅବସରରେ ବିଶିଷ୍ଟ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା । (ଫଟୋ : ସମ୍ବାଦ କଳିକା)

"ଟ୍ୟାକ୍ସ ପେୟର୍ସ ହବ୍-୨୦୨୬"ର ଦ୍ୱିତୀୟ ଦିବସ

ଆୟୋଜିତ ସେମିନାରରେ ୧୬୦ କଲେଜ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, ୨୬/୧୧ ନ୍ୟୁଜ ବ୍ୟୁରୋ

ଆୟକର ବିଭାଗ (ଓଡ଼ିଶା, ଭୁବନେଶ୍ୱର) ଦ୍ୱାରା ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ 'ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା' ଠାରେ ଆୟୋଜିତ ତିନିଦିନିଆ କରଦାତା ସଚେତନତା କାର୍ଯ୍ୟକ୍ରମ "ଟ୍ୟାକ୍ସପେୟାର୍ସ ହବ୍- ୨୦୨୬"ର ଦ୍ୱିତୀୟ ଦିବସରେ ଯୁବପିଢ଼ିଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୬୦ ଜଣ କଲେଜ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଜ୍ଞାନବର୍ଦ୍ଧକ ଆଲୋଚନା ସେସନ୍‌ଗୁଡ଼ିକରୁ ଲାଭବାନ ହୋଇଥିଲେ ।

ସହରର ବିଭିନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନ ଯେପରିକି ଗୀତା ଅଟୋନୋମସ୍ କଲେଜ, ରିଜିଓନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଏବଂ ସେଞ୍ଚୁରିଅନ୍ ୟୁନିଭରସିଟି ସମେତ ଅନ୍ୟାନ୍ୟ କଲେଜର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଉଦୀୟମାନ



ଉଦ୍ୟୋଗୀ ଏବଂ ବୃତ୍ତିଗତ ବ୍ୟକ୍ତିବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ତିନୋଟି ତଥ୍ୟଭିତ୍ତିକ ଓ ଆକର୍ଷଣୀୟ ବୈଷୟିକ ସେମିନାର ଆୟୋଜନ କରାଯାଇଥିଲା । 'ଫାଷ୍ଟ-ଡିଏସ୍' ଉପରେ ସେସନ୍ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିମଳେନ୍ଦୁ ଟୁଡୁ ପରିଚାଳନା କରିଥିଲେ । ସେ ବିଭାଗୀୟ ପଦକ୍ଷେପ ଏବଂ ନିୟମାବଳୀ ପାଳନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ ।

ଟିଡିଏସ୍ ଉପରେ ଅନୁଷ୍ଠିତ ସେମିନାରରେ ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଦାଶ ଏହି ସେମିନାର ପରିଚାଳନା କରିଥିଲେ । ସେ ଟିଡିଏସ୍ ସମ୍ବନ୍ଧୀୟ ନିୟମ ଓ ପ୍ରକ୍ରିୟା ବିଷୟରେ ବ୍ୟାବହାରିକ ସ୍ପଷ୍ଟତା ପ୍ରଦାନ କରିଥିଲେ ।

ଷ୍ଟାର୍ଟ-ଅପ୍ ଉପରେ ଆୟୋଜିତ ସେମିନାର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ. କେ. ସାବତ ପରିଦର୍ଶକ ଏବଂ ଛାତ୍ରଛାତ୍ରୀମାନେ ଏହି ସ୍ଥାନରେ ସ୍ଥାପିତ 'କରଦାତା ସେବା ଓ ସୂଚନା କିଓସ୍କ' ଗୁଡ଼ିକୁ ମଧ୍ୟ ପରିଦର୍ଶନ କରିଥିଲେ ।

ଏଣିକି ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପଠାଯିବ 'ସମନ୍'

ହାଇକୋର୍ଟ ଜାରି କଲେ ବିଜ୍ଞପ୍ତି

କଟକ, ୨୬/୧୧ ନ୍ୟୁଜ ବ୍ୟୁରୋ

ଏଣିକି ସରକାରୀ ଅଧିକାରୀଙ୍କୁ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ଅଦାଲତଙ୍କ 'ସମନ୍' ପଠାଯିବ । ହ୍ୟୁମାନ୍ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍ ବା ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ ଜରିଆରେ ସମନ୍ ପଠାଯିବ । ଆସନ୍ତା ଡିସେମ୍ବର ପହିଲାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଓଡ଼ିଶା ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । କୌଣସି ସରକାରୀ ଅଧିକାରୀଙ୍କୁ ସମନ ବା ନୋଟିସ୍ ତୁରନ୍ତ ପହଞ୍ଚିବା ପାଇଁ ଏହି ବ୍ୟବସ୍ଥାକୁ ପ୍ରଣୟନ କରାଯାଇଛି । ଏ ସଂକ୍ରାନ୍ତରେ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ବିଭିନ୍ନ ଅଦାଲତ ସେମାନଙ୍କ ସମନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ଜରିଆରେ ଅପ୍‌ଲୋଡ୍



କରିବେ । ଏହି ସିଷ୍ଟମ୍ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ ସହ ସଂଯୁକ୍ତ ହୋଇଛି । କୋର୍ଟର ସମନ୍ ମ୍ୟାନେଜର ଅଦାଲତଙ୍କ ନୋଟିସ୍‌କୁ ସମନ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍‌ରେ ଅପ୍‌ଲୋଡ୍ କରିବେ । ଉକ୍ତ ପୋର୍ଟାଲରେ କେସ୍‌ର ଡିଟେଲ୍ ରେକର୍ଡ ମଧ୍ୟ ଅପ୍‌ଲୋଡ୍ କରାଯିବ । ଯେଉଁ ସରକାରୀ ଅଧିକାରୀଙ୍କୁ ଏହି ସମନ୍ ପଠାଯିବ ତାଙ୍କ ସଂକ୍ରାନ୍ତରେ ସବିଶେଷ ତଥ୍ୟ ରହିବ । ଏଥିସହ କେଉଁ ଦିନ ଏବଂ କେଉଁ ସମୟରେ ସେ ହାଜର ହେବେ ବା ନୋଟିସର ଉତ୍ତର ରଖିବେ ସେ ସଂକ୍ରାନ୍ତରେ ମଧ୍ୟ ସୂଚନା ରହିବ । ସମନର ଏକ ଡିଜିଟାଲ କପି ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯିବ। ଏଥିସହ ସମ୍ପୃକ୍ତ ଅଧିକାରୀଙ୍କ ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନମ୍ବରକୁ ମଧ୍ୟ ଏହି ସମନ୍ ସଂକ୍ରାନ୍ତରେ ଅବଗତ କରାଯିବ । ପଠାଯାଇଥିବା 'ସମନ୍'ର ଷ୍ଟାଟସ୍ କ'ଣ ରହିଛି ତାହା ନିର୍ଦ୍ଧାରିତ ବ୍ୟବଧାନରେ ଯାଞ୍ଚ କରାଯିବ । ଇଲୋକ୍ଟ୍ରୋନିକ୍ ମାଧ୍ୟମରେ ପଠାଯାଉଥିବା ଏହି ସମନର ଆଇନଗତ ବୈଧତା ରହିବ । ଏହି ନୂଆ ବ୍ୟବସ୍ଥା ଲାଗୁ ହେବା ପରେ ଆଉ ଫିଜିକାଲ ବା ବ୍ୟକ୍ତିଗତ ଭାବେ ସମନ୍ ଜାରି କରିବାର କୌଣସି ଆବଶ୍ୟକତା ରହିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହେଲା ନିର୍ଦ୍ଦେଶ

ସହରାଞ୍ଚଳରେ ରହିବନି ଶିଶୁ ଶ୍ରମିକ ଓ ଶିଶୁ ଭିକ୍ଷାବୃତ୍ତି

ଭୁବନେଶ୍ୱର, ୨୬/୧୧
ନ୍ୟୁଜ ବ୍ୟୁରୋ

ରାଜ୍ୟର ସହରାଞ୍ଚଳଗୁଡ଼ିକୁ ଶିଶୁ ଶ୍ରମ, ଶିଶୁ ଭିକ୍ଷାବୃତ୍ତି ଉଚ୍ଛେଦ କରିବା ସହ ଅସହାୟ ଓ ଅସୁରକ୍ଷିତ ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି ।

ଶିଶୁ ଉଦ୍ଧାର, ଥଇଥାନ ଓ ଜନସଚେତନତା ଅଭିଯାନ ଆରମ୍ଭ କରିବାକୁ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦଗୁଡ଼ିକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜରୁରୀ ନିର୍ଦ୍ଦେଶ ଜାରି କରାଯାଇଛି। ଶିଶୁ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ରାଜ୍ୟ ଆୟୋଗଙ୍କ ପରାମର୍ଶ ଆଧାରରେ ବିଭାଗ ସମସ୍ତ ମହାନଗର ନିଗମ ଆୟୁକ୍ତ ଓ ନିର୍ବାହୀ ଅଧିକାରୀମାନଙ୍କୁ ନିଜ ନିଜ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଛି । ଏହି ପଦକ୍ଷେପର ଅଂଶସ୍ୱରୂପ, ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଆୟୋଜନ କରିବା ଏବଂ ଶିଶୁ ଶ୍ରମ ଓ ଶିଶୁ ଭିକ୍ଷାବୃତ୍ତି ଚିହ୍ନଟ, ନିରାକରଣ ଓ ଉଚ୍ଛେଦ ପାଇଁ ସହରଭିତ୍ତିକ ବ୍ୟାପକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ପୌରସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହ ଅଧିକ ବିପଦପୂର୍ଣ୍ଣ ଓ ସମ୍ବେଦନଶୀଳ ସ୍ଥାନ ଯଥା ଟ୍ରାଫିକ୍ ଛକ, ରାସ୍ତାଘାଟ, ବଜାର, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ନିର୍ମାଣସ୍ଥଳୀ ଗୁଡ଼ିକରେ ନିୟମିତ ମିଳିତ ଯାଞ୍ଚ ଓ ଉଦ୍ଧାର ଅଭିଯାନ କରାଯିବ। ଏହି ଅଭିଯାନ ପୋଲିସ, ଶ୍ରମ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ଗୁଡ଼ିକର ସମନ୍ୱୟରେ ପରିଚାଳିତ ହେବ। ଉଦ୍ଧାର ହେଉଥିବା ଶିଶୁମାନଙ୍କୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବେ ବିବେଚନା କରାଯାଇ ସେମାନଙ୍କୁ ସମ୍ପୃକ୍ତ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଯିବ। ଆବଶ୍ୟକସ୍ଥଳେ ସେମାନଙ୍କୁ ଉପଯୁକ୍ତ ଶିଶୁ ଯତ୍ନ ଅନୁଷ୍ଠାନରେ ରଖିବା ସହ ଜୁଭେନାଇଲ୍ ଜଷ୍ଟିସ୍ ଆଇନର ବ୍ୟବସ୍ଥା ଅନୁଯାୟୀ ଔପଚାରିକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପୁଷ୍ଟିକର ଖାଦ୍ୟ ଓ ମାନସିକ ପରାମର୍ଶ ଯୋଗାଇ ଦିଆଯିବ। ଶିଶୁମାନଙ୍କୁ ଶୋଷଣ କରୁଥିବା ସଂଗଠିତ ଭିକ୍ଷାବୃତ୍ତି ରାକେଟ୍ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୬/୦୯/୨୦୨୬
୫,୨୨,୬୮୫/- ଟଙ୍କା
ସୁନା:- ୦୨ ଗ୍ରାମ୍ ୪୫୦ମିଲିଗ୍ରାମ
ରୂପା:-୧୮ ଗ୍ରାମ୍ ୪୫୦ମିଲିଗ୍ରାମ

ପୁଣି ଜେଲ୍ ଯିବେ ଆନନ୍ଦ ମୋହନ ! ଆଗୁଆ ମୁକ୍ତି ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୧୧

ବିହାରର ପୂର୍ବତନ ସାଂସଦ ଆନନ୍ଦ ମୋହନଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟକା। ତାଙ୍କର ଆଗୁଆ ଜେଲ୍ ମୁକ୍ତିକୁ ରଦ୍ଦ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଏଥିସହ ଏକ ମାସ ମଧ୍ୟରେ ସମ୍ପୃକ୍ତ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ଆନନ୍ଦ ମୋହନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ୧୯୯୪ ମସିହାରେ ଗୋପାଳଗଞ୍ଜ ଜିଲ୍ଲାପାଳ ଜି. କୃଷ୍ଣୈୟାଙ୍କ ହତ୍ୟା ମାମଲାରେ ଆନନ୍ଦ ମୋହନ ଦୋଷୀ ସାବ୍ୟସ୍ତ ହୋଇଥିଲେ । ତେବେ ବିହାର ସରକାର ଆଇନରେ ସଂଶୋଧନ କରି ତାଙ୍କୁ ଆଗୁଆ ମୁକ୍ତି ଦେଇଥିଲେ । ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ମୃତ ଜିଲ୍ଲାପାଳଙ୍କ ପତ୍ନୀ ଉମା ଦେବୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୧୯୯୪ ମସିହାରେ ବିହାରର ଗୋପାଳଗଞ୍ଜ ଜିଲ୍ଲାପାଳ ଜି. କୃଷ୍ଣୈୟାଙ୍କୁ ଜଣେ ଉତ୍ତ୍ୟକ୍ତ ଜନତା ପିଟିପିଟି ହତ୍ୟା କରିଥିଲା । ଏହି ମାମଲାରେ ଆନନ୍ଦ ମୋହନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ତାଙ୍କୁ



ଆଜୀବନ କାରାଦଣ୍ଡ ମିଳିଥିଲା। କିନ୍ତୁ ୨୦୨୩ରେ ବିହାର ସରକାର ଜେଲ୍ ନିୟମରେ ସଂଶୋଧନ କରିଥିଲେ । ଏହାପରେ ଆନନ୍ଦ ମୋହନଙ୍କୁ ଆଗୁଆ ମୁକ୍ତି ମିଳିଥିଲା । ଏହି ମୁକ୍ତିକୁ ବିରୋଧ କରି ଉମା ଦେବୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଏହାର ଶୁଣାଣି କରି କୋର୍ଟ କହିଛନ୍ତି ଯେ, ୨୦୨୩ରେ ଆଣିଥିବା ସଂଶୋଧନ ପଛରେ କୌଣସି ସ୍ପଷ୍ଟ ଉଦ୍ଦେଶ୍ୟ ନାହିଁ । ଏପରିକି ରାଜ୍ୟ ସରକାର ଏହା ପଛରେ କୌଣସି ଯୁକ୍ତିଯୁକ୍ତ ଓ ଆଇନସମ୍ମତ ସାର୍ବଜନୀନ ଉଦ୍ଦେଶ୍ୟ ଦର୍ଶାଇବାରେ ବିଫଳ ହୋଇଛନ୍ତି । ଏହା ସମ୍ବିଧାନର ଧାରା ୧୪ ଓ ୨୧ର ଉଲ୍ଲଂଘନ ବୋଲି କୋର୍ଟ ମତ ଦେଇଛନ୍ତି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଆନନ୍ଦ ମୋହନଙ୍କୁ ଦିଆଯାଇଥିବା ଦଣ୍ଡ କୋହଳ ନିଷ୍ପତ୍ତିକୁ ବଜାୟ ରଖାଯାଇପାରିବ ନାହିଁ । ତେଣୁ ଏହାକୁ ରଦ୍ଦ କରାଯାଉଛି । ଏଥିସହ ଏକ ମାସ ମଧ୍ୟରେ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ଆନନ୍ଦ ମୋହନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଦଣ୍ଡ କୋହଳ କରିବା ପ୍ରକ୍ରିୟାରେ ପୀଡ଼ିତ ପରିବାରର ମତ ଶୁଣିବା ଆବଶ୍ୟକ । ସେମାନଙ୍କର ନିଜ ପକ୍ଷ ରଖିବାର ଅଧିକାର ରହିଛି । ଏହି ପ୍ରକ୍ରିୟାରେ ରାଜ୍ୟ ସରକାର ଠିକ୍ ଆଇନଗତ ପଦ୍ଧତି ଅନୁସରଣ କରିଛନ୍ତି କି ନାହିଁ, ତାହା ମଧ୍ୟ ଯାଞ୍ଚ ହେବା ଦରକାର । କୋର୍ଟ ଆହୁରି କହିଛନ୍ତି ଯେ, ନ୍ୟାୟିକ ସମୀକ୍ଷା କେବଳ ଏକ ଔପଚାରିକ ପ୍ରକ୍ରିୟା ନୁହେଁ । ମନମୁଖୀ ନିଷ୍ପତ୍ତି ବିରୋଧରେ ଆଇନଗତ ବୈଧତା, ନିରପେକ୍ଷତା ଓ ନ୍ୟାୟ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ । ନ୍ୟାୟ ପ୍ରଦାନ କରିବା ହେଉଛି ଅଦାଲତର ଦାୟିତ୍ୱ । ତେଣୁ କେବଳ ନୀରବ ଦର୍ଶକ ହୋଇ ରହିବା ପରିବର୍ତ୍ତେ ନ୍ୟାୟର ସୁରକ୍ଷା ପାଇଁ ସକ୍ରିୟ ଭୂମିକା ନେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି ।

ମହିଳା ପୋଲିସଙ୍କ ପାଇଁ ଓଡ଼ିଶା ପୋଲିସର ନୂଆ ବ୍ୟବସ୍ଥା

କଟକ, ୨୬/୧୧ ନ୍ୟୁଜ ବ୍ୟୁରୋ

ମହିଳା ପୋଲିସ କର୍ମଚାରୀଙ୍କ ମାତୃତ୍ୱ, ଶିଶୁ ଯତ୍ନ ଓ କର୍ମକ୍ଷେତ୍ରରେ ସୁବିଧାକୁ ଗୁରୁତ୍ୱ ଦେଇ ଓଡ଼ିଶା ପୋଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ମହିଳା ପୋଲିସଙ୍କ ପାଇଁ ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟ ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ଏହାଦ୍ୱାରା ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା ପୋଲିସ କର୍ମଚାରୀଙ୍କୁ କଠିନ ତଥା ଅଧିକ ଶାରୀରିକ ପରିଶ୍ରମ ଆବଶ୍ୟକ କରୁଥିବା ଡ୍ୟୁଟିରୁ ଛାଡ଼ ମିଳିବ।

ନୂଆ ବ୍ୟବସ୍ଥା ଅନୁଯାୟୀ, ତିନି ବର୍ଷରୁ କମ୍ ବୟସର ଶିଶୁ ଥିବା ମହିଳା ପୋଲିସଙ୍କୁ ଯଥାସମ୍ଭବ ରାତ୍ରିକାଳୀନ ଡ୍ୟୁଟି, ଷ୍ଟାଟିକ୍ ଗାର୍ଡ ଡ୍ୟୁଟି ଏବଂ ଦୀର୍ଘ ଯାତ୍ରାରୁ ମୁକ୍ତ ରଖାଯିବ। ଏଥିସହ ସ୍ତନ୍ୟପାନ ଓ ଶିଶୁର ଯତ୍ନ ପାଇଁ ଡ୍ୟୁଟି ସମୟରେ ଆବଶ୍ୟକ ବିରତି ଓ ଉପଯୁକ୍ତ ସୁବିଧା ଯୋଗାଇ ଦିଆଯିବ।



ସହରାଞ୍ଚଳ ଜମି ବ୍ୟବହାର ନିୟମାବଳୀର ସଂଶୋଧନ ପ୍ରସ୍ତାବ

ଆବାସିକ ଅଞ୍ଚଳରେ ହେବ ବ୍ୟବସାୟିକ କାରବାର

ଭୁବନେଶ୍ୱର, ୨୬/୧୧
ନ୍ୟୁଜ୍‌ବ୍ୟୁରୋ

ସହରାଞ୍ଚଳ ଜମି ବ୍ୟବହାର ନିୟମାବଳୀର ସଂଶୋଧନ ନେଇ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ କରାଯାଇଛି। ନିକଟେରେ ଗେଜେଟରେ ପ୍ରକାଶିତ ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରିଟି (ପ୍ଲାନିଂ ଓ ବିଲ୍ଡିଂ ଷ୍ଟାଣ୍ଡାର୍ଡ୍) ଦ୍ୱିତୀୟ ସଂଶୋଧନ ଚିଠା ନିୟମାବଳୀ-୨୦୨୬ ଅନୁସାରେ ରାଜ୍ୟର ସହରାଞ୍ଚଳରେ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଛି। ଜଣେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, କୋଣାର୍କ-ପୁରୀ, ପାରାଦୀପ, ତାଳଚେର-ଅନୁଗୁଳ-ମେରାମୁଣ୍ଡୁଳି ଓ ବ୍ରହ୍ମପୁର ମହାନଗର ନିଗମ ସମେତ ବିଭିନ୍ନ ଉନ୍ନୟନ ପ୍ରାଧିକରଣ ଅଧିନରେ ଥିବା ସହରାଞ୍ଚଳର ଆବାସିକ ଅଞ୍ଚଳରେ ଏଣିକି ବ୍ୟବସାୟିକ କାରବାର ନିମନ୍ତେ ଅନୁମତି ଦିଆଯିବ। ସଂଶୋଧିତ ନିୟମାବଳୀ ଅନୁସାରେ ଆବାସିକ ଅଞ୍ଚଳରେ ବ୍ୟବସାୟିକ କାରବା